ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.113 Bhubaneswar Monday, June 14, 2021 | ୨୪ତମ ବର୍ଷ | ସଂଖ୍ୟା-୧୧୩ | ଭୁବନେଶ୍ୱର, ସୋମବାର, ଜୁନ୍ ୧୪, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹ 1.50 | (Air Surcharge - 0.50P) | Member-INS



ନୂଆଦିଲ୍ଲୀରେ ଉତ୍ତର ପୂର୍ବାଞ୍ଚଳର ବିକାଶ ମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କର୍ମଚାରୀ, ଜନ ଅଭିଯୋଗ ଏବଂ ପେନସନ୍, ପରମାଣୁ ଶକ୍ତି ଏବଂ ମହାକାଶ, ଜିତେନ୍ଦ୍ର ସିଂ ପେନସନ ଏବଂ ପେନସନ୍ ବିଭାଗ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଟିକାକରଣ ଶିବିର ପରିଦର୍ଶନ କରିଛନ୍ତି

## ଯୁକ୍ତ ୨ ମୂଲ୍ୟାୟନ ପାଇଁ ୧୪ ଜଣିଆ ବିଶେଷଜ୍ଞ କମିଟି

ଭୁବନେଶ୍ୱର, ୧୩।୬(ପି.ଏନ):ଯୁକ୍ତ ୨ ମୂଲ୍ୟାୟନ ପାଇଁ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ସିଏଚଏସଇ ପକ୍ଷରୁ ୧୪ ଜଣିଆ କମିଟି ଗଠିତ ହୋଇଛି। ଏହି କମିଟି ଆସନ୍ତା ୧୦ ଦିନ ଭିତରେ ମୂଲ୍ୟାୟନ ଖସଡ଼ା ରିପୋର୍ଟ ଦେବ।ଏହାପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୧୫ ଦିନ ଭିତରେ ଗଠନ ବିଶେଷଜ୍ଞ କମିଟି ହେବ ।ସିବିଏସଇ ପଲିସିକୁ ଅନୁଧ୍ୟାନ କରି କମିଟି ସଦସ୍ୟମାନେ ତର୍ଜମା କରିବେ। ଏହା ପରେ ନିଷ୍ପତି ହେବ ଯେ କେଉଁ ଆଧାରରେ ମାର୍କ ଦିଆଯିବ ଓ ଫଳ ପ୍ରକାଶ କରାଯିବ । ଯୁକ୍ତ ୨ ପରୀକ୍ଷା ବାତିଲ ପରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ ଏହି ସୂଚନା ଦେଇଛନ୍ତି।

# ଗୋଟିଏ ଦିନରେ ୭୩୯୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୩୯୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୦୬୦୯୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୧୩୦୫୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୬୮୬୮୭ ରହିଛି । ଆଜି ଚିହ୍ନଟ ହୋଇଥିବା ୭୩୯୫ ଜଣଙ୍କ ମଧ୍ୟରୁ ୪୧୬୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୨୨୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୧୦୬୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୮୫ ଜଣ, ବରଗଡ଼ରୁ ୧୭୧ ଜଣ, ଭଦ୍ରକରୁ ୨୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୮୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୩୩ , କଟକରୁ ୮୬୮ ଜଣ, ଦେବଗଡ ଜିଲ୍ଲାରୁ ୫୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୮୧ ଜଣ, ଗଜପତି ଜିଲ୍ଲାରୁ ୫୨ , ଗଞ୍ଜାମରୁ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୮୮ ଜଣ, ଯାଜପୁରରୁ ୫୧୬ ଜଣ, ଝାରସୁଗୁଡ଼ାରୁ ୬୬ ଜଣ, କଳାହାଣ୍ଡିରୁ ୧୬୬ ଜଣ, କନ୍ଧମାଳ ଜିଲ୍ଲାରୁ ୭୬ ଜଣ. କେନ୍ଦ୍ରାପଡ଼ାରୁ ୩୪୧ ଜଣ, କେନ୍ଦୁଝରରୁ ୧୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୦୬୯ ଜଣ, କୋରାପୁଟରୁ ୧୬୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୮୪ ଜଣ, ନବରଙ୍ଗପୁରରୁ ୧୯୬ ଜଣ, ନୟାଗଡ଼ରୁ ୨୪୩ ଜଣ, ନୂଆପଡ଼ାରୁ ୨୨ ଜଣ, ପୁରୀରୁ ୩୫୬ ଜଣ, ରାୟଗଡ଼ାରୁ ୧୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୩୭ ଜଣ, ସୋନପୁରରୁ ୯୧ ଜଣ, ସୁନ୍ଦରଗଡ଼ରୁ ୨୬୭ ଜଣ ଓ ଷ୍ଟେଟ୍ ପୁଲରୁ ୧୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କାର୍ ରୁ ୮୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଜୟପୁର ୧୩।୬(ପି.ଏନ): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢଉ କରିଛି । ଏହି ମାମଲାରେ ପୋଲିସ ଜଣକୁ ଗିରଫ କରିଛି । ବିଶେଷ ସୂତ୍ରରୁ ଖବର ପାଇ ଜାତୀୟ ରାଜପଥ ନଂ ୩୨୬ର ପାତ୍ରପୁଟ ବ୍ରିଜ ନିକଟରେ ଚଢ଼ଉ କରିଥିଲା ପୋଲିସ । ଇନୋଭା କାର୍ ନଂ ୟୁପି- ୩୨-ଡିଏଲ-୬୧୨୧ ରେ ଲମତାପୁଟରୁ ଉତର ପ୍ରଦେଶ ଚାଲାଣ ହେଉଥିଲା ଏହି ଗଞ୍ଜେଇ । ପୋଲିସ ର ଏକ ଟିମ୍ ପାତ୍ରପୁଟ ବ୍ରିଜ ନିକଟରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଏହି କାର୍ ରୁ ୮୩ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଅନୁମାନିକ ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ହେବ । ଏହା ସହ ୩ଟି ମୋବାଇଲ, ୭୫୦ ଟଙ୍କା ଏବଂ ଏହି ଇନୋଭା କାର୍ କୁ ଜବତ କରିଛି ପୋଲିସ । ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଉତର ପ୍ରଦେଶର ଅନିକେତ ତ୍ରିପାଠି (୨୫) । ଅଭିଯୁକ୍ତକୁ ଗିରଫ କରଯାଇ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ସୂଚନା ଦେଇଛନ୍ତି ।

## ରାଜଧାନୀରେ କମୁଛି ସଂକ୍ରମଣ, ୨୪ ଘଂଟାରେ ୫୯୨ ପଜିଟିଭ୍ , ୧୨୫୫ ସୁସ୍ଥ

ଭୁବନେଶ୍ୱର, ୧୩।୬(ପି.ଏନ): ରାଜଧାନୀରେ କମୁଛି ସଂକ୍ରମଣ। ସଂକ୍ରମିତଙ୍କ ଦୁଇଗୁଣାରୁ ଅଧିକ ସୁସ୍ଥ ହେଉଛନ୍ତି ।ସେହିଭଳି ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ହଜାର ତଳକୁ ଖସିଛି। ଗତକାଲି ୧୦୧୩୧ ସକ୍ରିୟ ଆକ୍ରାନ୍ତ ରହିଥିବା ବେଳେ ଆଜି ତାହା ୯୪୬୫କୁ ହ୍ରାସ ପାଇଛି।

# ବିଦେଶକୁ ଯିବାକୁ ଥିବା ଛାତ୍ରଛାତ୍ରୀଙ୍କୁ ଟିକା ଦେବ ବିଏମସି : ମାର୍କେଟ ରେ ହେବ କରୋନା ଟେଷ୍ଟିଂ

ଭୁବନେଶ୍ୱର, ୧୩।୬(ପି.ଏନ): ପାଠ ପଢ଼ା ପାଇଁ ବିଦେଶ ଯିବାକୁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ଦିଆଯିବ ଟିକା। ବିଦେଶ ଯିବା ପୂର୍ବରୁ ଭୁବନେଶ୍ୱର ମହାନଗର ଅଂଚଳର ଛାତ୍ରଛାତ୍ରୀ ୧୯୨୯କୁ କଲ୍ କରି ରେଜିଷ୍ଟ୍ରେସନ୍ କରିବା ପରେ ସେମାନଙ୍କୁ ଟିକା ଦିଆଯିବାର ବ୍ୟବସ୍ଥା କରାଯିବ। ବିଦେଶକୁ ଯିବା ପାଇଁ ଟିକାକରଣ ବାଧ୍ୟତାମୂଳକ ଥିବାରୁ ଏହି କାର୍ଯ୍ୟକ୍ରମ ଆସନ୍ତାକାଲିଠାରୁ ଆରମ୍ଭ ହେବ ବୋଲି ବିଏମସି କମିଶନର ସଂଜୟ ସିଂହ ସୂଚନା ଦେଇଛନ୍ତି। ସେହିପରି ଆସନ୍ତାକାଲିଠୁ ଭୁବନେଶ୍ୱରର ମାର୍କେଟ ଅଂଚଳରେ କରୋନା ଟେଷ୍ଟିଂ ହେବ। ମୋବାଇଲ୍ ଭ୍ୟାନ ପଠାଯାଇ ଆଂଟିଜେନ୍ ଏବଂ ଆରଟିପିସିଆର ଟେଷ୍ଟ କରାଯିବ। ମାଛ, ପରିବା ମାର୍କେଟରେ ମଧ ଟେଷ୍ଟିଂ ବ୍ୟବସ୍ଥା ହେବ। ସାମୂହିକ ଟେଷ୍ଟିଂରେ ସମସ୍ତେ ସହଯୋଗ କରିବାକୁ ବିଏମସି କମିଶନର ନିବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ କରୋନା ସଚେତନତା ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀରେ ବିଏମସି କମିଶନର କହିଛନ୍ତି ଯେ ରାଜଧାନୀରେ କରୋନା ପଜିଟିଭିଟି ରେଟ ହ୍ରାସ ପାଇଛି। ଲକଡାଉନ୍ ଓ ସଟଡାଉନ୍ ପାଇଁ ସଫଳ ହୋଇପାରିଛି । ବିଏମସି ଅଂଚଳରେ ମାର୍କେଟ ଏରିଆରେ ଗହଳି ସ୍ଥାନରେ ଆରଟିପିସିଆର ଓ ଆଂଟିଜେନ ଟେଷ୍ଟ କରାଯାଉଛି । ଆଗାମୀ ଦିନରେ ଅନ୍ୟ ଗହଳି ସ୍ଥାନରେ ମୋବାଇଲ ଭ୍ୟାନ ଜରିଆରେ ବାଧ୍ୟତାମୂଳକ ଟେଷ୍ଟିଂ କରାଯିବ। ସେପଟେ ଭୁବନେଶ୍ୱର ହସ୍ପିଟାଲରେ ବେଡ ଉପରୁ ଚାପ ହ୍ରାସ ପାଇଥିବା କହିଛନ୍ତି କମିଶନର। ବର୍ତମାନ ୨ହଜାରରୁ ଅଧିକ ବେଡ ଖାଲି ରହିଛି। ୭୫ରୁ ଅଧିକ ଆଇସିୟୁ ବେଡ ମଧ ଖାଲି ରହୁଛି। ବିଏମସିକୁ ସରକାର ୧୦୦ ଟି ଅକ୍ସିଜେନ କନସେନଟ୍ରେଟର ଦେଇଛନ୍ତି। ଏଥିପାଇଁ ଏକ ଆପ ପ୍ରସ୍ତୁତ କରାଯାଇଛି। ଲୋକେ ଫୋନ କରି ବୁକ୍ କଲେ ବିଏମସି ତରଫରୁ ଘରେ ଅକ୍ସିଜେନ କନସେନଟ୍ରେଟର ଯୋଗାଇଦିଆଯିବ । ଦୈନିକ ୪ହଜାରରୁ ଅଧିକ ଟେଷ୍ଟ ହେଉଛି । ୬୦ ବର୍ଷରୁ ଅଧିକ, ଗର୍ଭବତୀ ଓ ଭିନ୍ନକ୍ଷମଙ୍କୁ ଡୋର ଷ୍ଟେପ ଟେଷ୍ଟିଂ ଚାଲୁଛି । ଜୁନ୍ ୪ ତାରିଖ ସୁଦ୍ଧା ୮ ଲକ୍ଷ ୫୭ ହଜାର ୩୩୦ ଟିକା ଦିଆସରିଥିବା ସୂଚନା ଦେଇଛନ୍ତି ବିଏମସି କମିଶନର । ସ୍ୱାସ୍ଥ୍ୟ କର୍ମୀ ୩୫,୪୨୯, ସମ୍ମୁଖ କର୍ମୀଙ୍କୁ ୪୮,୪୧୦ ଡୋଜ୍ ଦିଆଯାଇଛି। ୪୫+ ବର୍ଗରେ ପ୍ରଥମ ଡୋଜ୍ ୩.୩୮ ଲକ୍ଷ ଓ ୨ୟ ଡୋଜ୍ ୨.୧୧ ଲକ୍ଷ ନେଲେଣି। ୧୮ରୁ ୪୪ ବୟସ ବର୍ଗରେ ୧ ଲକ୍ଷ ୭୦ ହଜାର ଜଣକୁ ପ୍ରଥମ ଡୋଜ୍ ମିଳିଛି। ପ୍ରଥମ ଡୋଜ୍ ନେଇଥିବା ବ୍ୟକ୍ତିଙ୍କୁ ୪ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ମିଳିବ। ବାକି ଥିବା ୧୮ରୁ ୪୪ ବର୍ଗ ପ୍ରଥମ ଡୋଜ୍ ନିମନ୍ତେ ଖୁବ୍ ଶୀଘ୍ର ବ୍ୟବସ୍ଥା ହେବ।

# କୋଭିଡ୍ ଟିକା ନେଲେ ସଂକ୍ରମଣରୁ ୮୦% ସୁରକ୍ଷିତ

ଭୁବନେଶ୍ୱର, ୧୩।୬(ପି.ଏନ): କୋଭିଡ ଟିକାର ଦୁଇଟି ଡୋଜ ନେଲେ କୋଭିଡ ସଂକ୍ରମଣରୁ ୮୦ ପ୍ରତିଶତ ସୁରକ୍ଷିତ ରହିବେ। ସେହିପରି ଯଦି ସଂକ୍ରମଣ ହୁଏ, ତେବେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ସୁରକ୍ଷିତ ରହିବ। ଏହାସହ ବିଶେଷ ଗୁରୁତର ହେବେନି । ତେଣୁ ସମସ୍ତେ ଟିକା ନେବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ର । ସେ କହିଛନ୍ତି ଯେ ସାଧାରଣତଃ ଟିକା ନେଲେ ସାମାନ୍ୟ ଜ୍ୱର ହୋଇଥାଏ । ଏହାଶୁଣି ଟିକା ନେବାରୁ ବିରତ ରୁହନ୍ତୁନି । ଏହା ଆପଣଙ୍କ ପରିବାର ଓ ସମାଜ ପାଇଁ ଘାତକ ହୋଇପାରେ। ଯେଉଁମାନେ କରୋନା ଟିକାର ଦୁଇଟି ଡୋଜ୍ ନେଇସାରିଛନ୍ତି, ସେମାନେ ଡେଲଟା ଭାଇରସ ଦ୍ୱାରା ସଂକ୍ରମିତ ହେଉନାହାନ୍ତି । ବର୍ତମାନ ଇଂଲଣ୍ଡରେ ଡେଲଟା ଭାଇରସ ପ୍ରଭାବରେ କିଛି ଲୋକ ଆକ୍ରାନ୍ତ ହୋଇଥିବା ଖବର ରହିଛି। କିନ୍ତୁ, ଏହା ସେତେଟା ସାଂଘାତିକ ନୁହେଁ । ଅପରପକ୍ଷରେ ରାଜ୍ୟର କେତେକ ସ୍ଥାନରେ ନକଲି ଫାଭିପିରାଭିର ଔଷଧ ଜବତ ହୋଇଛି । ତେବେ ଏହି ନକଲି ମେଡିସିନ୍ କେହି ଗ୍ରହଣ କରିବା ଖବର ଏଯାଏଁ ଆସିନି। ଔଷଧ କେଉଁଠୁ ଆସିଥିଲା କେତେ ପ୍ରତିଶତ ଏହା କ୍ଷତିକାରକ ସେ ନେଇ ବିଭିନ୍ନସ୍ତରରେ ଯାଂଚ ଚାଲିଛି ବୋଲି କହିଛନ୍ତି ଡାକ୍ତର ନିରୋଜ ମିଶ୍ର ।

## ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡିକୁ ଦିଆଯାଇଛି ୨୬ କୋଟି ଡୋଜରୁ ଅଧିକ ଟିକା

ନୂଆଦିଲ୍ଲୀ, ୧୩।୬(ପି.ଏନ): ଦେଶବ୍ୟାପୀ ଟିକାକରଣ ଅଭିଯାନର ଏକ ଅଂଶସ୍ୱରୂପ ଭାରତ ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକୁ ସହାୟତା ରୂପେ ମାଗଣାରେ କୋଭିଡ ଟିକା ଯୋଗାଇ ଦେଉଛନ୍ତି । ଏଥିସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ ଯେପରି ସିଧାସଳଖ ଟିକା କ୍ରୟ କରିପାରିବେ ସେନେଇ ମଧ ଭାରତ ସରକାର ସୁବିଧା କରାଇଛନ୍ତି ।

## ପୁରା ଓଡିଶାକୁ ଛୁଇଁଲା ମୌସୁମୀ : ପ୍ରବଳ ବର୍ଷା ସମ୍ଭାବନା ପାଇଁ ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୩।୬(ପି.ଏନ): ସାରା ଓଡିଶାକୁ ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ମୌସୁମୀ କ୍ରମେ ପଶ୍ଚିମ -ଉତରପଶ୍ଚିମ ଦିଗରେ ଗତି କରିବ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ଝାରଖଣ୍ଡ ଓ ଉତର ଛତିଶଗଡକୁ ଛୁଇଁବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଓଡିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ , ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଢ଼େଙ୍କାନାଳ, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଆଦି ଜିଲ୍ଲାକୁ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକୁ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୪ ତାରିଖ ସକାଳ ଠାରୁ ୧୫ ତାରିଖ ସକାଳ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ଦେବଗଡ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କଟକ, ବରଗଡ ଓ ଯାଜପୁର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷରେ ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଂଚଳରେ ପାଣି ଜମିବା ଓ ପାହାଡିଆ ଅଂଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଥିବାରୁ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର।

# ମୁମ୍ବାଇ : ୪୮ ଘଂଟା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି, ସମସ୍ତଙ୍କୁ ଘରେ ରହିବା ପାଇଁ ପରାମର୍ଶ

ମୁମ୍ବାଇ, ୧୩।୬(ପି.ଏନ): ମୁମ୍ବାଇରେ ରବିବାର ସକାଳ ଠାରୁ ବର୍ଷା କମି ଯାଇଛି କିଛି ଭାରତୀ ପାଣିପାଗ ବିଭାଗ ଦ୍ୱାରା ଆଗାମୀ ୪୮ ଘଂଟା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ମୁମ୍ବାଇ ଉପନଗରର ସଂରକ୍ଷକ ମନ୍ତ୍ରୀ ଆଦିତ୍ୟ ଠାକରେ କହିଛନ୍ତିଯେ, କେବଳ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଲୋକମାନେ ଘରୁ ବାହାରକୁ ଯାଇପାରିବେ ।ଭାରତୀୟ ପାଣିପାଗ ବିଭାଗର ଅଧିକାର ସୁଭାଙ୍ଗୀ ଭୁତେଙ୍କ କହିବା ଅନୁସାରେ ଜଳବାୟ ତାର ରଙ୍ଗ ବଦଳାଇଛି । ଆଗାମୀ ୪୮ ଘଂଟା ମଧ୍ୟରେ ମୁମ୍ବାଇ, ଥାନେ, ପାଲଘର ଇତ୍ୟାଦି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହ କାରଣରୁ ଏହି ଜିଲ୍ଲା ମାନଙ୍କରେ ଅରେଞ୍ଜ ଆଲଟ ଜାରି କରାଯାଇଛି । ଆସନ୍ତା ୪୮ ଘଂଟା ମଧ୍ୟରେ ରାୟଗଡ଼ ଏବଂ ସିନ୍ଧୁଦୁର୍ଗରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେଣୁ ଏହି ଦୁଇଟି ଜିଲ୍ଲାରେ ରେଡ୍ ଆଲଟ୍ ଘୋଷଣା କରାଯାଇଛି ।ଆଦିତ୍ୟ ଠାକରେ ରବିବାର ଦିନ କହିଛନ୍ତି ଯେ, ବର୍ଷାର ମୁକାବିଲା କରିବା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ପ୍ରବଳ ବର୍ଷାରେ ମୁମ୍ବାଇରେ ନିଚା ଜାଗାରେ ଭର୍ତି ହୋଇଥିବା ଜଳ ନିଷ୍କାସନ ହୋଇଛି । ଏହା ବ୍ୟତୀତ ପାଣିପାଗ ବିଭାଗର ଚେତାବନୀକୁ ନଜରକୁ ରଖି ପ୍ରଶାସନ ସତର୍କ ରହିଛି । ପାଣିପାଗ ବିଭାଗର ଚେତାବନୀ ପରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏନଡିଆରଏଫ) ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ ରାୟଗଡ଼ ଏବଂ ସିନ୍ଧୁଦୁର୍ଗ ଜିଲ୍ଲାରେ ନିୟୋଜିତ ହୋଇଛନ୍ତି । ମୁମ୍ବାଇ ସମେତ ରାଜ୍ୟର ଉପକୂଳବର୍ତୀ ଜିଲ୍ଲା ମାନଙ୍କରେ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ଚେତାବନୀ ଦିଆଯାଇଛି ।

# ନୀତି ଆୟୋଗ ରିପୋର୍ଟକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କଲେ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର, ୧୩।୬(ପି.ଏନ): ନୀତି ଆୟୋଗର ସ୍ଥାୟୀ ବିକାଶ ଲକ୍ଷ୍ୟ ରିପୋର୍ଟକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଭୁବନେଶ୍ୱରର ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ରାଜ୍ୟରେ ଅପରାଧ ବଢ଼ୁଛି। ମନରେଗାରେ ନିଯୁକ୍ତି କମିଛି, ନାରୀ ନିର୍ଯାତନା ବଢ଼ିଛି, ବେକାରୀ ବଢ଼ିଛି, ଇଂଟରନେଟ ୟୁଜର୍ସଙ୍କ ସଂଖ୍ୟା କମିଛି। ଏଥିସହ ହତ୍ୟା, ଶିଶୁ ବିରୋଧୀ ଅପରାଧ, ମାନବ ଚାଲାଣ ଅପରାଧ ବଢ଼ିଛି। ଦେଶରେ ତଳ ଆଡୁ ପଂଚମ ସ୍ଥାନରେ ରହିଛି ଓଡିଶା। ୨୦୧୯ରେ ଏସଡିଜି ଇଣ୍ଡିଆ ରାଙ୍କିଂରେ ୧୬ଶ ସ୍ଥାନରେ ଓଡ଼ିଶା ଥିବା ବେଳେ ଏବେ ଓଡିଶା ୨୧ଶ ସ୍ଥାନକୁ ଖସି ଆସିଛି ବୋଲି ସେ କହିଛନ୍ତି ।ଅପରପକ୍ଷରେ ବିଜେପି ସାଂସଦଙ୍କ ପ୍ରଶ୍ନରେ ବିଜେଡି ସାଂସଦ ଅମର ପଟ୍ଟନାୟକ କହିଛନ୍ତି ଯେ ସସ୍‌ଟେନେବଲ୍ ଡେଭଲପେମେଂଟ ଗୋଲ (ଏସ୍‌ଡିଜି) ରିପୋର୍ଟରେ କିଏ ଉପରେ କିଏ ତଳେ ନଥାଏ । ଓଡ଼ିଶା ୨୦୧୮ରେ ୫୧ ମାର୍କ, ୨୦୧୯ରେ ୫୮ ଓ ୨୦୨୦ରେ ୬୧ ମାର୍କ ମିଳିଛି । ଓଡ଼ିଶା ୯ କ୍ଷେତ୍ରରେ ଭଲ ପ୍ରଦର୍ଶନକାରୀ, ୬ଟିରେ ରାଜ୍ୟ ଆଶାୟୀ ରହିଛି । ତେଣୁ ନୀତି ଆୟୋଗ ସହ ସବୁ ରାଜ୍ୟ ଆଲୋଚନା କରି ଲକ୍ଷ୍ୟ ହାସଲ କରିବା ଦିଗରେ କାମ କରିବା ଦରକାର। ଏହା ରାଜନୀତି ପାଇଁ ନୁହେଁ, ମାନବ ପାଇଁ ଉଦ୍ଦିଷ୍ଟ । ନିତି ଆୟୋଗ ପଂଚାୟତ ସ୍ତରକୁ ଯିବା ଦରକାର। ନ ହେଲେ ଠିକ ମାର୍କ ଜାଣି ହେବ ନାହିଁ । ତଥ୍ୟ ଗ୍ରାଉଣ୍ଡରୁ ଆସିବା ଦରକାର ବୋଲି ସେ କହିଛନ୍ତି । ସାଂସଦ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧାମୁକ୍ତି, ଉନ୍ନତ ଶିକ୍ଷା, ଲିଙ୍ଗଭିତିକ ସମାନତା ଓ ଆର୍ଥିକ ବିକାଶ କ୍ଷେତ୍ରରେ ଓଡ଼ିଶାର ରାଙ୍କ ତଳେ ରହିଛି । ଦାରିଦ୍ର୍ୟ ଦୂରୀକରଣ ତଳ ଆଡୁ ୩, କ୍ଷୁଧାମୁକ୍ତିରେ ତଳ ଆଡୁ ୬ , ଆର୍ଥିକ ବିକାଶରେ ତଳ ଆଡୁ ୨ ରେ ରହିଛି ଓଡ଼ିଶା। ଏ ସବୁକୁ ନେଇ ବିଜେଡି ସରକାରକୁ ୫ଟି ପ୍ରଶ୍ନ ପଚାରିଛନ୍ତି ଅପରାଜିତା। ପୂର୍ବରୁ ୬ଟି ପ୍ରଶ୍ନକୁ ମିଶାଇ ସମୁଦାୟ ୧୧ଟି ପ୍ରଶ୍ନର ଉତର ମାଗିଛନ୍ତି ଭୁବନେଶ୍ୱର ସାଂସଦ ।ଓଡ଼ିଶାରେ ଲୋକ ସଂଖ୍ୟାର ୩୩ ପ୍ରତିଶତ ଜାତୀୟ ଦାରିଦ୍ର୍ୟ ସୀମାରେଖା ତଳେ। ୨୦୧୯ରେ ସ୍ଥିତି ଯାହା ଥିଲା ଏବେ ବି ସେୟା ଅଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଅନେକ ଲୋକ ଏବେ ବି କଚ୍ଚା ଘରେ ରହୁଛନ୍ତି । ଆମ ରାଜ୍ୟରେ ଏକ କୋଟି ବା ୧୪.୨ ପ୍ରତିଶତ ଘର କଚ୍ଚାଘର। ପଶ୍ଚିମବଙ୍ଗରେ କେବଳ ୬ ପ୍ରତିଶତ ,ଆନ୍ଧ୍ର ପ୍ରଦେଶରେ ୩.୨ ପ୍ରତିଶତ ଘର କଚ୍ଚାଘର। କେନ୍ଦ୍ର ସରକାର ଲକ୍ଷ ଲକ୍ଷ ଘର ଦେଉଛନ୍ତି। କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। କ୍ଷୁଧାମୁକ୍ତି ବିଭାଗରେ ୨୮ ରାଜ୍ୟ ତାଲିକାରେ ତଳ ଆଡୁ ୬ ନମ୍ବରରେ ଓଡ଼ିଶା। ପାଖାପାଖି ୪୮ ପ୍ରତିଶତ ମହିଳା ରକ୍ତହୀନତାରେ ପୀଡ଼ିତ। ୫ ବର୍ଷରୁ ଶିଶୁ ମଧ୍ୟରୁ ୨୯ ପ୍ରତିଶତ କୁପୋଷିତ। ପ୍ରାଥମିକ ଓ ମାଧ୍ୟମିକ କ୍ଷେତ୍ରରେ ସ୍କୁଲ ଗଲେ ସମାଜ ଶିକ୍ଷିତ ଆଡକୁ ଗତି କରେ। ୨୦୧୫-୧୬ ଠାରୁ ୮ ଲକ୍ଷ ପିଲା ସ୍କୁଲ ଗଲେ ନାହିଁ। ୫ ଲକ୍ଷ ଘରୋଇ ସ୍କୁଲକୁ ଗଲେ। ୩ ଲକ୍ଷ ପାଠ ଛାଡ଼ିଦେଲେ। ଦେଶର ୮୫ ପ୍ରତିଶତ ସ୍କୁଲରେ ପାଣି ଓ ବିଜୁଳି ଅଛି। ହେଲେ ରାଜ୍ୟରେ ମାତ୍ର ୬୮ ପ୍ରତିଶତ ସ୍କୁଲରେ ପାଣି ଓ ବିଦ୍ୟୁତ ଅଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଉଭୟ ନିଜ ନିଜ ଅଂଶ ଦେଉଛନ୍ତି, ତେବେ କେଉଁଠି ଭୁଲ ରହିଯାଉଛି। ୧୦୩.୫% ମହିଳାଙ୍କ ଉପରେ ଅପରାଧ ମାମଲା ସାମ୍ନାକୁ ଆସିଛି। ମହିଳାଙ୍କ ସୁରକ୍ଷା କ୍ଷେତ୍ର ବିଜେଡି ସରକାର କରିପାରୁନାହିଁ। ୮.୩ ପ୍ରତିଶତ ଅପରାଧୀଙ୍କୁ ଦଣ୍ଡ ମିଳୁଛି। ୨୦୧୫ରୁ କ୍ରମାଗତ ଭାବେ ମହିଳାମାନଙ୍କ ଉପରେ ଅପରାଧ ବଢ଼ିଚାଲିଛି ।ମେକ୍ ଇନ ଓଡ଼ିଶା ଭଳି ବିଭିନ୍ନ କାର୍ଯ୍ୟକ୍ରମ ସତ୍ତ୍ୱେ ଇଜ ଅଫ ଡୁଇଙ୍ଗ ବିଜନେସରେ ଶୂନ। ନୂତନ ଚିନ୍ତାଧାରା କ୍ଷେତ୍ରରେ ଓଡ଼ିଶା ୧୨ ଥିଲା ୧୪କୁ ଖସିଯାଇଛି। ପ୍ରତ୍ୟେକ ଲକ୍ଷେ ଲୋକଙ୍କ ପାଇଁ ୧୨ଟି ବ୍ୟାଙ୍କ ଓଡ଼ିଶାରେ ଅଛି। ଲକ୍ଷେ ଲୋକଙ୍କ ପାଇଁ ୧୬ଟି ଏଟିଏମ ଓଡ଼ିଶାରେ ଅଛି।

ଓଡ଼ିଶା ସରକାର



## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
## ରଜ ଶୁଭେଚ୍ଛା

ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ବିଶେଷ କରି ଆମର ମା' ଓ ଝିଅମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ରଜ ପୃଥିବୀମାତାଙ୍କ ଉପାସନା ତଥା ନାରୀତ୍ୱର ମହନୀୟତାର ପର୍ବ । ସମାଜ ପାଇଁ ନାରୀର ଅବଦାନକୁ ସମ୍ମାନ ଜଣାଇବାର ପର୍ବ ।

ଏହି ଅବସରରେ ଆସନ୍ତୁ, ଛୋଟ ଛୋଟ ଝିଅଙ୍କ ଠାରୁ ଆରମ୍ଭ କରି ଆମର ମା'ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନବାନ ହେବା ଏବଂ ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଓ ଏକ ସୁସ୍ଥ ସମାଜ ଗଠନ ପାଇଁ କାମ କରିବା ।

କୋଭିଡ୍ ପରିପ୍ରେକ୍ଷୀରେ ସମସ୍ତଙ୍କୁ ଅନୁରୋଧ କୋଭିଡ୍ ନିୟମ ପାଳନ କରନ୍ତୁ, ଘରେ ରୁହନ୍ତୁ ଓ ଘରେ ରହି ରଜ ପର୍ବ ପାଳନ କରନ୍ତୁ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-08
15001/13/0010/2122



## ବାର୍ତ୍ତା

ରଜ ମହୋତ୍ସବ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ**: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ**: ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ**: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା**: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା**: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା**: ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ**: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର**: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ**: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ**: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ମଣିମଲ୍ଲଙ୍କଠାରୁ ମଧୁବାବୁ...



"ମୁଁ ଜନ୍ମଗତ ସମ୍ମାନ ଓ ନିଜ ଦ୍ୱାରା ଅର୍ଜିତ ସମ୍ମାନର ପାର୍ଥକ୍ୟ ଶିଖିଲି ଏବଂ ଭବିଷ୍ୟତ ଜୀବନରେ ଆତ୍ମ ଅର୍ଜିତ ସମ୍ମାନ ପାଇବା ପାଇଁ ଚେଷ୍ଟା କରିବି ବୋଲି ଠିକ୍ କଲି।" ଜନ୍ମଗତ ସମ୍ମାନ ଓ ଆତ୍ମ ଅର୍ଜିତ ସମ୍ମାନ ପ୍ରତି ବାଲ୍ୟକାଳରୁ ସଚେତନ ଥଲେ ଉତ୍କଳଗୌରବ ମଧୁସୂଦନ ଦାସ। ଏକଦା ବୀରମାଟି ଖୋରଧା ଥିଲା ସେମାନଙ୍କର ବାସସ୍ଥଳୀ। ଜଟଣୀ ରଥିପୁରରେ ତାଙ୍କର ପୂର୍ବପୁରୁଷମାନେ ଅବସ୍ଥାନ କରୁଥିଲେ। ବିଶିଷ୍ଟ ଔପନ୍ୟାସିକ ତଥା ଖ୍ୟାତନାମା ସାମ୍ବାଦିକ ସୁରେନ୍ଦ୍ର ମହାନ୍ତିଙ୍କ 'ମଧୁସୁଦନ ଦାସ' ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେଥିରେ ସେ ଲେଖିଛନ୍ତି- "ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାର ଶାସନ କ୍ଷେତ୍ରରେ ଗୋଟିଏ ପ୍ରବଳ ଆଲୋଡ଼ନ, ବିଲୋଡ଼ନ ଓ ଅନିଶ୍ଚିତତା ଲାଗି ରହିଥିବାବେଳେ ମଣିମଲ୍ଲ ନାମକ ଜଣେ ଖଣ୍ଡାୟତ ସର୍ଦ୍ଦାର ସ୍ୱାଧୀନ ଉତ୍କଳର ଶକ୍ତିପୀଠ ଖୋରଧାରୁ ଉଠିଆସି ସତ୍ୟଭାମାପୁର ଗ୍ରାମରେ ଗୋଟିଏ ଚଉପାଢ଼ୀ ସ୍ଥାପନ କରି ସେଠାରେ ବସବାସ କରିଥିଲେ।"

ସତ୍ୟଭାମାପୁରର ଏହି ପରିବାରଟି ଥିଲା ବହୁ ଭୂସମ୍ପତ୍ତିର ଅଧିକାରୀ, ଗୋଟିଏ ଧନଶାଳୀ ପରିବାର। ଗ୍ରାମର ପଶ୍ଚିମ ପ୍ରାନ୍ତକୁ ଗୋଟିଏ ବିରାଟ ଚକଘେରା ହତାବାଡ଼ି ଭିତରେ ଠିଆ ହୋଇଥିବା ଚୌଧୁରୀ ପରିବାରର ମଉଡ଼ମରା ସାତ ଶେଣିଆ ହାତୀଶାଳ ପରି ଖଞ୍ଜାଘର। ଖାଲି ଏ ଘର ତ ନୁହେଁ, ଘର ଚାରିପାଖେ ଆମ୍ବତୋଟା, ନଡ଼ିଆମାଳ, ଫୁଲ ବଗିଚା ଆଉ ଅମାରଘରର ଗହଳିରେ ଚଉଦମାଣିଆ ଚକଟା ଭରପୂର ହୋଇ ଉଠିଥିଲା। ମାତ୍ର ୧୮୦୩ ମସିହାରେ ଓଡ଼ିଶା ଇଂରେଜମାନଙ୍କ ହାତକୁ ଚାଲିଯିବା ପରଠାରୁ ସତ୍ୟଭାମାପୁର ଚୌଧୁରୀ ପରିବାରର ସୌଭାଗ୍ୟ-କର୍ପୂର ଦିନୁ ଦିନ ଉଡ଼ିଯିବାରେ ଲାଗିଲା। ବର୍ଷକୁ ବର୍ଷ ନୂଆ ଜମାବନ୍ଦି ଫଳରେ ଜମାବୃଦ୍ଧି ସାଙ୍ଗକୁ ରାଜସ୍ୱ ଠିକ୍ ସମୟରେ ପଇଠ ଦେଇ ନ ପାରିବା ଫଳରେ ଚୌଧୁରୀ ପରିବାରର ଜମିଦାରୀ ଇଲାକା ସବୁ ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତା ଠାରେ ନିଲାମ ଉଠିବାକୁ ଲାଗିଲା। ଏହାର ନିକଟରେ ବିଶୁନପୁର ଏକ ରାଜ୍ୟ ଥିଲା। ଏହାର ରାଜା ଥିଲେ କୃପାସିନ୍ଧୁ ଶ୍ରୀଚନ୍ଦନ। ସୂର୍ଯ୍ୟାସ୍ତ ଆଇନ ବଳରେ ୧୮୧୪ ଖ୍ରୀଷ୍ଟାବ୍ଦରେ ତାଙ୍କ ରାଜ୍ୟ ନିଲାମ ହୋଇଥିଲା। ନିମାପଡ଼ା ଅଣ୍ଡିଆ ଗଡ଼ର ରାଜା ଜଗବନ୍ଧୁ ରାଟସିଂହଙ୍କ ରାଜ୍ୟ ମଧ୍ୟ ସେହିଭଳି ଚାଲିଯାଇଥିଲା। ଓଡ଼ିଶାରୁ କଲିକତାକୁ ଯିବା ପାଇଁ ସେତେବେଳକୁ ରେଳରାସ୍ତା ବା ପାଦଚଲା ବାଟ ମଧ ନଥାଏ। ତେଣୁ ଓଡ଼ିଆ ଜମିଦାରମାନଙ୍କ ଇଲାକା ସବୁ ତେଣେ ନିଲାମରେ ଉଠିଲା ବେଳକୁ ସେ ଖବରଟା ସୁଦ୍ଧା ଓଡ଼ିଶାରେ ଆସି ପହଞ୍ଚି ପାରୁ ନଥାଏ। ଏପରି ଭାବରେ ଓଡ଼ିଶାର ବହୁ ସଂଭ୍ରାନ୍ତ ପରିବାର ପରି ସତ୍ୟଭାମାପୁର ଚୌଧୁରୀ ପରିବାର କଲିକତାର 'ଲ୍ୟାଣ୍ଡ ସେକ୍ୟୁଲେଟର'ମାନଙ୍କ ହାତରେ ନିଜର ଅଧିକାଂଶ ଜମିବାଡ଼ି ହରାଇବା ପରେ ଆର୍ଥିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଲା। ସଂସାର ଯାତ୍ରାର ଅନଟନ ସତ୍ତ୍ୱେ ପିତା ରଘୁନାଥଙ୍କ ମନରେ ଆଭିଜାତ୍ୟ ଆଉ ଆତ୍ମଗୌରବର ଗୋଟାଏ ପ୍ରଚ୍ଛନ୍ନ ଭାବ ସବୁବେଳେ ଲାଗି ରହିଥାଏ। କାହିଁ କେତେ ପୁରୁଷତଳେ ସତ୍ୟଭାମାପୁର ଚଉପାଢ଼ିର ଆଦି ସ୍ଥାପୟିତା ଖଣ୍ଡାୟତ ମଣି ମଲ୍ଲଙ୍କର ରକ୍ତ ଯେ ତାଙ୍କର ଧମନୀରେ ଏବେ ବି ପ୍ରବାହିତ ହେଉଅଛି, ଏହି ଧାରଣାଟା ସବୁବେଳେ ମନରେ ଖେଳି ବୁଲୁଥାଏ। ଉକ୍ତ ପ୍ରସଙ୍ଗଟି ମଧୁବାବୁଙ୍କ ଜୀବନୀ ଉପରେ ଆଧାରିତ ଅନ୍ୟ ଏକ ପୁସ୍ତକ 'ଶତାବ୍ଦୀର ସୂର୍ଯ୍ୟ'ରେ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ଉଲ୍ଲେଖ କରିଛନ୍ତି। ଖୋରଧା ଅଞ୍ଚଳରେ ଖଣ୍ଡାୟତମାନଙ୍କର ସଂଜ୍ଞା ନବଜାତକର ଜନ୍ମ ହେବା ସମୟରେ ବେଳେ ବେଳେ ପରିବର୍ତ୍ତନ କରି ଦିଆଯାଇଥାଏ। ଯାହା ଫଳରେ ମଧୁବାବୁ, ତାଙ୍କ ପିତା ସହ ପ୍ରପିତାମହମାନଙ୍କର ସଂଜ୍ଞା "ମଲ୍ଲ"ରୁ ଦାସ ହୋଇଯାଇଥିଲା।

ମଧୁବାବୁ ଥିଲେ ଉଚ୍ଚାଭିଳାଷୀ। ଆର୍ଥିକ ଅନଟନ ସତ୍ତ୍ୱେ ତାଙ୍କର ଶିକ୍ଷାର୍ଜନର ପିପାସା ପ୍ରବଳ ଥିଲା। ସେ ୧୮୬୪ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ଏଣ୍ଟ୍ରାନସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଉଚ୍ଚଶିକ୍ଷା ପାଇଁ ତାଙ୍କ ପାଖରେ ଅର୍ଥର ଅଭାବ ଥିଲା। ଉଚ୍ଚ ଶିକ୍ଷା ପାଇଁ ଅର୍ଥ ସଂଗ୍ରହ ନିମିତ୍ତ ବାଲେଶ୍ୱର ଜିଲ୍ଲା ସ୍କୁଲରେ କିଛିକାଳ ଶିକ୍ଷକତା କଲେ। ସେହି ସମୟରେ ତାଙ୍କର ଫକୀରମୋହନ ସେନାପତି, ରାଧାନାଥ ରାୟଙ୍କ ସଙ୍ଗେ ବନ୍ଧୁତା ହେଲା। ମଧୁବାବୁ ଉଚ୍ଚ ଶିକ୍ଷା ପାଇଁ ଷ୍ଟିମର ଯୋଗେ କଲିକତା ଗଲେ। ସେଠାରେ ପହଞ୍ଚିବା ପରେ ଆର୍ଥିକ ଅନଟନର ସମ୍ମୁଖୀନ ହେଲେ। ସେ ଭବାନୀପୁରର ଲଣ୍ଡନ ମିଶନ ସୋସାଇଟି କଲେଜରେ ପହଞ୍ଚିଲେ। ସେଠାରେ ସୁପରିଟେଣ୍ଡେଣ୍ଟ୍ ରେଭେରେଣ୍ଡ ଜେ.ପି. ଆଷ୍ଟନ ତାଙ୍କର କରୁଣ କାହାଣୀ ଶୁଣି ତାଙ୍କୁ କଲେଜରେ ନାମ ଲେଖାଇବାକୁ ଅନୁମତି ଦେଲେ ଓ ପାଠ ପଢ଼ା ଖର୍ଚ୍ଚ ପାଇଁ ମାସିକ ଆଠ ଟଙ୍କା ବୃତ୍ତି ଦେବାର ବ୍ୟବସ୍ଥା କଲେ। ଘରୁ ସାହାଯ୍ୟ ପାଇବାର ଆଶା ନଥିବାରୁ ଅନେକ ସମୟରେ ଉପବାସରେ ରହୁଥିଲେ। ତଥାପି କର୍ତ୍ତବ୍ୟ ପଥରେ ଅଟଳ ରହିଥିଲେ। ୧୮୬୮ ମସିହାରେ ସେ ଏଫ୍. ଏ. ପାଶ କଲେ। ୧୮୬୯ରେ ସେ ଖ୍ରୀଷ୍ଟିୟ ଧର୍ମରେ ଦୀକ୍ଷିତ ହୋଇଥିବାର ଜଣାପଡ଼େ। ୧୮୭୦ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଏହାଦ୍ୱାରା ସେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ ହେବାର ସୌଭାଗ୍ୟ ଅର୍ଜନ କଲେ। ୧୮୭୩ରେ ସେ ଏମ୍.ଏ ପାଶ କଲେ। ଏହାପରେ ସେ ଗାର୍ଡ଼ନରିଚ ହାଇସ୍କୁଲର ପ୍ରଧାନଶିକ୍ଷକ ପଦରେ ରହି ମାସିକ ଅଶୀଟଙ୍କା ଦରମା ପାଇଲେ। ପ୍ରଧାନ ଶିକ୍ଷକ ଥିବାବେଳେ କଲିକତା ବିଶ୍ୱ ବିଦ୍ୟାଳୟ ଆଇନ କଲେଜରେ ପଢ଼ିଲେ। ସେ ସମୟରେ ସାର୍ ଆଶୁତୋଷ ମୁଖାର୍ଜୀଙ୍କର ଗୃହ ଶିକ୍ଷକ ଥିଲେ। ପରବର୍ତ୍ତୀ ସମୟରେ ଆଶୁତୋଷ ମୁଖାର୍ଜୀ କଲିକତା ବିଶ୍ୱବିଦ୍ୟାଳୟର ଭାଇସ-ଚାନସେଲର ହୋଇଥିଲେ। ଶ୍ରୀ ମୁଖାର୍ଜୀ ସର୍ବଦା ମଧୁବାବୁଙ୍କୁ ତାଙ୍କର ବାଲ୍ୟଗୁରୁ ରୂପେ ସମ୍ବୋଧନ କରୁଥିଲେ।

ମଧୁବାବୁ କଲିକତା ହାଇକୋର୍ଟରେ କିଛି କାଳ ଓକିଲାତି କରି କଟକ ଚାଲିଆସିଲେ। ମଧୁବାବୁ ଏଠାରେ ଓକିଲାତି ଆରମ୍ଭ କଲାବେଳକୁ ସମସ୍ତ ପ୍ରତିଷ୍ଠିତ ଆଇନ ବ୍ୟବସାୟୀମାନେ ଥିଲେ ଓଡ଼ିଶା ବାହାରର ଲୋକ। ସେମାନେ ଏହି ତରୁଣ ଓକିଲଙ୍କୁ ନାନା ପ୍ରକାର ବ୍ୟଙ୍ଗ ବିଦ୍ରୂପ କଲେ। ସେ ପ୍ରଥମେ ଏକ ଗରିବ ଚାଷୀର ମୋକଦ୍ଦମା ହାତକୁ ନେଲେ। ଅନ୍ୟପକ୍ଷରେ ବାଦୀ ଥିଲେ ପୁରୀ ଏମାର ମଠର ମହନ୍ତ ମହାରାଜ। ସମସ୍ତ ଓକିଲ ମହନ୍ତ ମହାରାଜଙ୍କ ସପକ୍ଷରେ ଥିବାବେଳେ ଗରିବ ଚାଷୀ ପକ୍ଷରୁ ମଧୁବାବୁ ଲଢ଼ି ଜୟଯୁକ୍ତ ହେଲେ। ଫଳରେ ମଧୁବାବୁଙ୍କ ଖ୍ୟାତି ବଢ଼ିଗଲା। ସେ ବହୁ ବଡ଼ବଡ଼ ମକଦ୍ଦମାରେ ଜୟଯୁକ୍ତ ହୋଇଥିଲେ। ସେଥିମଧ୍ୟରୁ ଖଣ୍ଡପଡ଼ା ରାଜା ନଟବର ସିଂହ ମର୍ଦ୍ଦରାଜ, ପୁରୀ ରାଣୀ ସୂର୍ଯ୍ୟମଣି ପାଟ୍ଟମହାଦେଇ, କେନ୍ଦୁଝର ରାଜା, ଧନୁର୍ଜ୍ଜୟ ଭଂଜ ଓ ମାନସିଂହ ପାଟଣା ବାନା ଓ ରଙ୍ଗା ନାମରେ ଥିବା ଡ଼କାୟତି କେଶ୍ ଆଦିର ସଫଳତା ଯୋଗୁଁ ସେ ମଧୁ ବାରିଷ୍ଟର ରୂପେ ପରିଚତ ହେଲେ। ସେ ଓକିଲାତି ପେଶାରେ ବିଚକ୍ଷଣ ବୁଦ୍ଧିମତ୍ତାର ପରିଚୟ ଦେଇ ଜୟଯୁକ୍ତ ହୋଇପାରୁଥିଲେ। ମଧୁବାବୁ ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଥିଲେ। ସେ ୧୮୮୫ରୁ ୧୯୧୦ ମସିହା ପର୍ଯ୍ୟନ୍ତ ଭାରତର କଲିକତା, ମାନ୍ଦ୍ରାଜ, ଆହ୍ଲାବାଦ ପ୍ରଭୃତି ସ୍ଥାନରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଇଥିଲେ।



ମାତ୍ର ଏହାଦ୍ୱାରା ଓଡ଼ିଆଭାଷୀ ବିଭିନ୍ନ ଅଂଚଳଗୁଡ଼ିକର ଏକତ୍ରୀକରଣ ହୋଇପାରିବ ନାହିଁ ବୋଲି ସେ ହୃଦୟଙ୍ଗମ କଲେ। ତେଣୁ ସେ କଂଗ୍ରେସ ପରିତ୍ୟାଗ କରି ଉତ୍କଳ ସମ୍ମିଳନୀ ଗଢ଼ିଲେ। ମଧୁବାବୁଙ୍କ ଉଦ୍ୟମରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ମୟୁରଭଂଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। 'ଉତ୍କଳ ସମ୍ମିଳନୀ' ସବୁ ଓଡ଼ିଆ ଭାଷୀ ଲୋକଙ୍କର ଏକ ମିଳନ ପୀଠ ବୋଲି ଘୋଷଣା କଲେ। ସେତେବେଳକାଳର ଜାତୀୟବାଦୀ ଇଂରେଜ ଖବରକାଗଜ 'ଅମୃତବଜାର' ପତ୍ରିକାର ସମ୍ପାଦକ ମୋତିଲାଲ ଘୋଷ ଏ ସମ୍ମିଳନୀରେ ଯୋଗଦେଇଥିଲେ। "ଉତ୍କଳ ସମ୍ମିଳନୀ ପରି ଗଣଆନ୍ଦୋଳନ ଭାରତରେ ବିରଳ" ବୋଲି ସେ ମତ ଦେଇଥିଲେ। ମଧୁବାବୁ ୧୮୯୭ ଓ ୧୯୦୭ ଖ୍ରୀଷ୍ଟାବ୍ଦରେ ବିଲାତ ଯାଇଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଲକ୍ଷ୍ୟ ଥିଲା। ଉତ୍କଳ ସମ୍ମିଳନୀର ବାରମ୍ବାର ଦାବି ଫଳରେ ୧୯୩୧ ମସିହା ସେପ୍ଟେମ୍ବର ମାସ ୧୮ ତାରିଖରେ ଓଡ଼ନେଲ କମିଶନ ଗଠନ ହେଲା। ୧୯୩୩ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ଭାଷା ଭିତ୍ତିରେ ଓଡ଼ିଶା ଓ ସିନ୍ଧୁ ପ୍ରଦେଶ ଗଠନ ହେବା ଘୋଷଣା ହେଲା। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶଗଠିତ ହୋଇଥିଲେ ହେଁ ସେତେବେଳକୁ ମଧୁବାବୁ ଇହଜଗତରେ ନଥିଲେ।

ମଧୁବାବୁ ୧୯୧୩ ଜାନୁଆରୀ ୨୦ ତାରିଖରେ ବିହାର-ଓଡ଼ିଶା ରାଜ୍ୟ କାଉନସିଲର ସଦସ୍ୟ ଭାବେ ଶପଥ ନେଇଥିଲେ। ସେ ମଧ ୧୯୧୯ ମସିହାରେ ସ୍ୱାୟତ ଶାସନ ବିଭାଗର ମନ୍ତ୍ରୀଭାବେ ଦାୟିତ୍ୱ ନେଇଥିଲେ। ମନ୍ତ୍ରୀ ପଦ ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ। ୧୯୨୩ ଫେବୃଆରୀ ମାସ ୭ ତାରିଖରେ ଅବୈତନିକ ଭାବେ ମନ୍ତ୍ରୀ କାର୍ଯ୍ୟ ତୁଲାଇବାକୁ ଓ ଓକିଲାତି ଭାବେ ଜୀବିକା ନିର୍ବାହ କରିବାକୁ ମଧୁବାବୁ ବିହାର- ଓଡ଼ିଶା ଗଭର୍ଣ୍ଣର ସାର୍ ଏଚ. ହୁଇଲରଙ୍କୁ ପତ୍ର ଦେଲେ। କିନ୍ତୁ ଗଭର୍ଣ୍ଣର ଏ ପ୍ରସ୍ତାବ ଗ୍ରହଣ କଲେ ନାହିଁ। ଫଳରେ ଇସ୍ତଫା ଦେଲେ। ସେ ସମୟରେ ଭାରତରେ କୌଣସି ମନ୍ତ୍ରୀ ଯେ ଏକଥା ଚିନ୍ତା କରିପାରି ନ ଥିବେ, ଏଥିରେ ସନ୍ଦେହ ନାହିଁ। ମଧୁବାବୁ ମନ୍ତ୍ରୀପଦରୁ ଇସ୍ତଫା ଦେବା ପରେ ଗଭର୍ଣ୍ଣର ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ। ମଧୁବାବୁ ଭାରତୀୟ ପୋଷାକ ପିନ୍ଧିଯିବାକୁ ଚାହିଁଲେ। କିନ୍ତୁ ଗଭର୍ଣ୍ଣର ତାହାକୁ ଅନୁମତି ଦେଲେ ନାହିଁ। ମଧୁସୁଦନ ଲେଖିଲେ, "ଗୋଲାପର ଚାରିପାଖର ଘାସ ଗୋଲାପର ରଙ୍ଗ କିମ୍ବା ସୁବାସ ଗ୍ରହଣ କରେ ନାହିଁ। ତେଣୁ ବଡ଼ ଲୋକଙ୍କ ସଂସ୍ପର୍ଶରେ ଆସି ବଡ଼ ହେବା ପାଇଁ ମୁଁ କେବେ ଚେଷ୍ଟା କରିନାହିଁ।"

ମଧୁବାବୁ ଓଡ଼ିଶା ଆର୍ଟ ଓୟାରସ ବା ଉତ୍କଳ ସୂକ୍ଷ୍ମକଳାର ଏକ କାରଖାନା ଖୋଲିଥିଲେ। ସେ ମଧ ଉତ୍କଳ ଟ୍ୟାନେରୀ ନାମରେ ଏକ ଚମଡ଼ା ଶିଳ୍ପ କାରଖାନା ଖୋଲିଥିଲେ। ଦ୍ରବ୍ୟର ଗୁଣାତ୍ମକମାନ ଉପରେ ଗୁରୁତ୍ୱ ଦେଉଥିଲେ। ତାଙ୍କ ଉଦ୍ୟମ ଯୋଗୁଁ ଭାରତରେ ପ୍ରଥମ କରି ମହିଳାମାନେ ଆଇନ ବ୍ୟବସାୟ କରିବାର ଅଧିକାର ପାଇଲେ। ଓଡ଼ିଶା ଜାତିର ପୁନରୁଦ୍ଧାର ପାଇଁ ତାଙ୍କର ପ୍ରାଣ କାନ୍ଦୁଥିଲା। ସେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି-"ଏହି ସ୍ଥାନରେ ବଡ଼ଦେଉଳକୁ ଚାହଁ ଓ ଜାତିର ପୁନରୁଦ୍ଧାର କର-ଏହା ଆମ୍ଭମାନଙ୍କର ବୀଜମନ୍ତ୍ର ହେବା ଆବଶ୍ୟକ।" ମଧୁବାବୁ ଗୋପବନ୍ଧୁ ଦାସଙ୍କୁ ନିଜର ଉତ୍ତରାଧିକାରୀଭାବେ ମନୋନୀତ କରିଥିଲେ। ମାତ୍ର ମଧୁସୁଦନଙ୍କ ମୃତ୍ୟୁ ପୂର୍ବରୁ ଗୋପବନ୍ଧୁଙ୍କର ତିରୋଧାନ ହୋଇଥିଲା। ସେ ତେଣୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏ ଦାୟିତ୍ୱ ଦେବାପାଇଁ ସ୍ଥିର କରିଥିଲେ। ପଣ୍ଡିତ ନୀଳକଣ୍ଠ ମଧ ତାଙ୍କର ଶେଷ ଦର୍ଶନ ପାଇଁ କଟକ ଆସି ତାଙ୍କ ପାଖରେ ପହଞ୍ଚିଲେ। ଓଡ଼ିଶାବାସୀଙ୍କୁ ତାଙ୍କର କିଛି କହିବାର ଅଛି କି ବୋଲି ପଣ୍ଡିତ ନୀଳକଣ୍ଠ ପଚାରନ୍ତେ, ମଧୁବାବୁ ଉତ୍ତର ଦେଲେ- "ଓଡ଼ିଶାବାସୀ ତାଙ୍କର ଅନ୍ତର ନିର୍ମଳ ରଖିଥିବେ"। ସେ ପୁଣି କହିଥିଲେ- "ମୁଁ ତ ଯାଉଛି ମନେରଖିଥିବ ଜଣେ ଓଡ଼ିଆ ଥିଲା।" ତାହା ଥିଲା ତାଙ୍କର ଶେଷ କଥା। ୮୫ ବର୍ଷ ବୟସରେ ୧୯୩୪ ମସିହା ଫେବୃଆରୀ ମାସ ୩ ତାରିଖ ରାତି ୧ ଘଣ୍ଟା ୧୫ ମିନିଟ୍ ସମୟରେ ସେ ଶେଷନିଃଶ୍ୱାସ ତ୍ୟାଗ କଲେ। କଟକରୁ ପ୍ରକାଶିତ ଦୈନିକ 'ସମାଜ'ରେ ପୁରା ପୃଷ୍ଠାରେ ପରଦିନ ବାହାରିଲା-"ଓଡ଼ିଶାର ମୁକୁଟବିହୀନ ସମ୍ରାଟ ଆଉ ନାହାନ୍ତି।" ପ୍ରଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ସେଥିପାଇଁ କହିଛନ୍ତି-"ଜୀବନରେ ଯେପରି ମରଣରେ ମଧ୍ୟେ ସେହିପରି। ମଧୁସୂଦନ ଯଥାର୍ଥରେ ଥିଲେ ଏକ ସମ୍ରାଟ"। ମଧୁବାବୁଙ୍କୁ ବାରମ୍ବାର ମନେପକାଇଲେ ବି ତାହା କମ୍ ହେବ। ପାଠ୍ୟପୁସ୍ତକମାନଙ୍କରେ ପ୍ରତ୍ୟେକ ଶ୍ରେଣୀ ପାଇଁ ତାଙ୍କ ସମ୍ବନ୍ଧୀୟ ଲେଖା ସ୍ଥାନ ପାଇବା ଆବଶ୍ୟକ। ତାଙ୍କର ଉକ୍ତି-***"ଜାତି ଇତିହାସ ଜାତିର ନିର୍ଝର, ତହୁଁ ବହେ ସଦା ଜାତି ପ୍ରାଣଧାର, ସେ ଧାରାରୁ ନୀର ପିଉଛି ଯେ ନର, ନିଶ୍ଚୟ ହେବ ସେ ଜାତି କର୍ମବୀର"***, ଏହା ସଦା ସର୍ବଦା ଓଡ଼ିଆଙ୍କ ହୃଦୟରେ ଗୁଂଜରିତ ହେଉ।

**ସତ୍ୟବାଦୀ ବଳିଆରସିଂହ**, ସଭାପତି, ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀ, ବକ୍ସି ଜଗବଂଧୁ ନଗର, ଖୋର୍ଦ୍ଧା, ଶୂନ୍ୟଭାଷ: ୯୨୩୭୦୮୯୫୦୯

# କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ବଢୁଛି, ପ୍ରଶାସନ ଦୃଢ ପଦକ୍ଷେପ ନେବାକୁ ଦାବୀ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ଏବେ ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। କେନ୍ଦୁଝର ସହରାଂଚଳ ଏବେ ସଙ୍କଟଜନକ ପରିସ୍ଥିତିରେ ପହଂଚିଥିବାବେଳେ ଜନସାଧାରଣ ନିଜେ ଅଧିକରୁ ଅଧିକ ସଚେତନ ହେବା ଆବଶ୍ୟକ ହୋଇପଡିଛି। ଚିହ୍ନଟ ୧୬୬ ଜଣଙ୍କୁ ମିଶାଇ ଜିଲ୍ଲାର ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୦୪୩ ରେ ପହଂଚି ଥିବାବେଳେ ସେଥିମଧ୍ୟରୁ ୮୩୫୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ସାରିଲେଣି। ଗତ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ଜିଲ୍ଲାର ଆକ୍ଟିଭ କେଶ ସଂଖ୍ୟା ୬୮୬ ଥିବା ଜଣାପଡିଛି। ଚିହ୍ନଟ ହୋଇଥିବା ୧୬୬ଜଣଙ୍କ ମଧ୍ୟରୁ କେନ୍ଦୁଝର ସହରରୁ ୬୪ଜଣ ଚିହ୍ନଟ ହେବା ଚିନ୍ତାର ବିଷୟ ହୋଇଛି। କେନ୍ଦୁଝର ରାଙ୍କିଠାରେ କୋଭିଡ ହସ୍‌ପିଟାଲ କାର୍ଯ୍ୟକ୍ଷମ ହେଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ୧୦୦ ବେଡ ବିଶିଷ୍ଟ ଏହି ହସ୍‌ପିଟାଲରେ ୨୪ଟି ଆଇସିୟୁ, ୧୨ଟି ଭେଣ୍ଟିଲେଟର, ଅକ୍ସିଜେନ ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହୋଇଛି। ତେବେ ଏହି ହସ୍‌ପିଟାଲ ବିଳମ୍ବରେ ଖୋଲାଯିବା ନେଇ ବିରୋଧିଦଳମାନେ ପ୍ରଶ୍ନ ଉଠାଇଛନ୍ତି। ୭ଦିନ ପୂର୍ବରୁ ଖୋଲା ଯାଇଥିଲେ ଉଚିତ ଚିକିତ୍ସା ନପାଇ ମୃତ୍ୟୁବରଣ କରିଥିବା ତଥା ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର ଚାଲି ଯାଇଥିବା ରୋଗୀମାନେ ଉପକୃତ ହୋଇପାରିଥାନ୍ତେ ବୋଲି ବିରୋଧିଦଳ ମୁଖ୍ୟ ସଚେତକ ମୋହନଚରଣ ମାଝୀ ଅଭିଯୋଗ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ତୁଳନାରେ ଚଳିତବର୍ଷ କରୋନା ସଂକ୍ରମଣ ବହୁଗୁଣା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏହାକୁ ନେଇ ଜିଲ୍ଲାବାସୀ ଭୟଭୀତ ହୋଇ ପଡିଛନ୍ତି। ବିଶେଷ କରି ଚିକିତ୍ସା ସୁବିଧା ନଥିବାରୁ ବହୁ ରୋଗୀଙ୍କୁ ଅନିଶ୍ଚିତତା ମଧ୍ୟରେ ଘରେ ରହି ଚିକିତ୍ସିତ ହେବାକୁ ପଡିଥିଲା। ଯେଉଁମାନଙ୍କ ପାଖରେ ଅର୍ଥ ଅଛି ସେମାନେ କଟକ, ଭୁବନେଶ୍ୱର ଯାଇ ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏହାଉପରେ ରୋକ ଲଗାଇବା ପାଇଁ ଅନ୍ୟୂନ ୭ ଦିନ ସଟ୍‌ଡାଉନ କରିବାକୁ ଶ୍ରୀ ମାଝୀ ଦାବୀ କରିଛନ୍ତି। ଏହାଦ୍ୱାରା କରୋନା ଚେନକୁ ଭାଙ୍ଗି ହେବ ବୋଲି ମତପ୍ରକାଶ ପାଇଛି। ଅବ୍ୟାବଧି ସଂକ୍ରମଣ ଦୃତ ବୃଦ୍ଧି ପାଇବାରେ ଲାଗିଥିଲେ ହେଁ ସମସ୍ତ କୋଭିଡ କେୟାର ସେଣ୍ଟର, ପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଅଦ୍ୟାବଧି ଖୋଲିପାରିନାହିଁ। ସେହିଭଳି ଯେଉଁଭଳି ଭାବରେ ରୋଗୀ ଗୁରୁତର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି, ସେହି ପରିସ୍ଥିତିରେ ମାତ୍ର ୧୦୦ ବେଡ ବିଶିଷ୍ଟ ମେଡିକାଲ କିପରି ଆବଶ୍ୟକତା ପୂରଣ କରିପାରିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହାଛଡା ସ୍ୱାବ ପରୀକ୍ଷା କମ ସଂଖ୍ୟାରେ କରାଯାଉଥିବାରୁ ରୋଗୀ ଚିହ୍ନଟ ବିଳମ୍ବ ହେଉଛି। ସେହିପରି ସ୍ୱାବ ପରୀକ୍ଷା ପାଇଁ କଟକ ଯାଉଥିବା ସ୍ୱାବ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ବହୁ ରୋଗୀଙ୍କ ବିଳମ୍ବରେ ଚିକିତ୍ସା ହେଉଥିବାରୁ ସେମାନେ ଗୁରୁତର ହୋଇପଡୁଛନ୍ତି। ଗତ ୨୦ ତାରିଖ ଦିନ କେନ୍ଦୁଝର ବଡହଳର ପ୍ରବୀଣ ତ୍ରିପାଠୀ ନାମକ ଜଣେ ୪୦ ବର୍ଷ ଯୁବକର କରୋନାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କରୋନାରେ ଆକ୍ରାନ୍ତ ହୋଇ ବହୁ ରୋଗୀଙ୍କ ମୃତ୍ୟୁ ହେଉଥିଲେ ହେଁ ମୃତ୍ୟୁର କାରଣ ଅଲଗା ଦର୍ଶାଇ ପ୍ରଶାସନ ପକ୍ଷରୁ ମାତ୍ର ତିନିଜଣ ଦର୍ଶାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

# ଗରାପୁର ହନୁମାନଜୀଉ ମନ୍ଦିରରେ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ଶ୍ରୀ ଶ୍ରୀ ହନୁମାନଜୀଉ ମନ୍ଦିର ଆଶ୍ରମ ପରିସରରେ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଓ ଶ୍ରୀରାମ ସ୍ମରଣେ ସ୍ମରଣିକା ଉନ୍ମୋଚନ ଉତ୍ସବ କୋଭିଡ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ମାନବୀୟ ଲୀଳା ଓ ବିଂଶ ଶତାବ୍ଦିର ମହାନ ସନ୍ଥ ସଦଗୁରୁ ବାବା ବୈକୁଣ୍ଠନାଥଙ୍କ ଜୀବନାଦର୍ଶ ଉପରେ ପ୍ରକାଶିତ ସ୍ମରଣିକା "ଶ୍ରୀରାମ ସ୍ମରଣେ" ଉପସ୍ଥିତ ସାଧୁସନ୍ଥ, ଅତିଥି ଓ ଆଶ୍ରିତ ଭକ୍ତମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତିର ସଭାପତି ବାବାଜୀ ଚେତନାନନ୍ଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳ, ଉପାଧକ୍ଷ ସ୍ନେହଲତା ପ୍ରଧାନ, କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିବା ବେଳେ ଆଶ୍ରମର ସହପରିଚାଳକ ଶ୍ରଦ୍ଧାନନ୍ଦ ଦାସ, ବାବାଜୀ ସତ୍ୟାନନ୍ଦ ଦାସ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ବାଣୀ ଓ ବାବା ବୈକୁଣ୍ଠନାଥଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ନଳିନୀକାନ୍ତ ମହାନ୍ତି, ସେବକ ପୁରୁଷ୍ଟମ ଗେରୁ, ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ସହସମ୍ପାଦକ କେଶବ ସେଠୀ, ସମ୍ପାଦନା ମଣ୍ଡଳୀ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ଆବାହକ ଓ ଉପଦେଷ୍ଟା ଦେବାଶିଷ ଜଗତି, ପତ୍ରିକା ସମ୍ପାଦକ ଅରକ୍ଷିତ ରାଉତ, ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଅଜୟ କୁମାର ପାତ୍ର, ନୃସିଂହ ଚରଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ମଧୁସୁଦନ ସାହୁ, ରମାକାନ୍ତ ବିହାରୀ, ଦିଲ୍ଲିପ କୁମାର ସାହୁ, ଅକ୍ଷୟ କୁମାର ଦାସ, ରାଜକିଶୋର ବିଶ୍ୱାଳ, ସୁରେଶ ଚନ୍ଦ୍ର ରାଉତ, ବଳରାମ ନାୟକ, ଗୋବିନ୍ଦ ଚନ୍ଦ୍ର ନାଥ, ସୀତାନାଥ ମିଶ୍ର, ସରୋଜକାନ୍ତ ସାହୁ, ପ୍ରମୋଦ କୁମାର ପ୍ରଧାନ, ଧରଣୀଧର ଦାସ, ପରମାନନ୍ଦ ସାହୁ, ଗୋପିନାଥ ସାହୁ, ରଜତ କୁମାର ସାହୁ, ଗୋପିନାଥ ସାହୁ, କରୁଣାକର ସାହୁ, ଜଗନ୍ନାଥ ବେହେରା, ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଡଃ.ସୁବାଷ ଚନ୍ଦ୍ର ମହାପାତ୍ର, ଗଣେଶ୍ୱର ସାହୁ, ପ୍ରଦୀପ କୁମାର ଦାଶ,ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଶ୍ରଦ୍ଧାଳୁ ଓ ଭକ୍ତମାନେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଭଜନକୀର୍ତ୍ତନ କରିଥିଲେ। ଗତ ୧୩ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜିର ଉଦଯାପନି ଦିବସ ପ୍ରାତଃରୁ ଶଙ୍ଖଧ୍ୱନି ସହ ସମୁହ ପ୍ରାର୍ଥନା, ମଙ୍ଗଳ ଆରତୀ, ଶ୍ରୀ ଶ୍ରୀ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ସୁସଜ୍ଜିତ ଶ୍ରୀବିଗ୍ରହ ସହ ନଗର କୀର୍ତ୍ତନ, ଶ୍ରୀରାମ ଚରିତ ମାନସ ପାରାୟଣ ଓ ହୋମଯଜ୍ଞ ଏବଂ ସନ୍ଧ୍ୟାରେ ଶ୍ରୀରାମ କଥା ପ୍ରବଚନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ଧରିତ୍ରୀ ଦିବସ: ତତଲା ତାୱାରେ ପୃଥିବୀ




ଭୁବନେଶ୍ୱର (ପିଏନ୍): ଧରିତ୍ରୀ ମା'ଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୨ ତାରିଖରେ 'ବିଶ୍ୱ ଧରିତ୍ରୀ ଦିବସ' ପାଳିତ ହୋଇଥାଏ। ସଙ୍କଟମୁହାଁ ଗତି କରୁଥିବା ପୃଥିବୀର ସୁରକ୍ଷା ଲାଗି ସମଗ୍ର ବିଶ୍ୱ ଏହି ଦିବସଟିକୁ ପାଳନ କରିଥା'ନ୍ତି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟନଗରୀ ଭୁବନେଶ୍ୱରର ପୋଖରୀପୁଟରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ସମଗ୍ର ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବା ସହ ଜନସଚେତନତା ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି। ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ତତଲା ତାୱା ଓ ପୃଥିବୀ। ଏଥିରେ ଦର୍ଶାଇଛନ୍ତି ସମ୍ପ୍ରତି ତତଲା ତାୱାରେ ଭାଜି ହେଉଛି ପୃଥିବୀ। ଯାହା ବର୍ତ୍ତମାନ ପୃଥିବୀର ଅବସ୍ଥା ସମ୍ପର୍କରେ ପ୍ରମାଣିତ କରୁଛି। ଧୀରେ ଧୀରେ ପୃଥିବୀ ଗ୍ଲୋବାଲ ୱାର୍ମିଂରୁ ଗ୍ଲୋବାଲ ବର୍ଣ୍ଣିଂ ଆଡ଼କୁ ମୁହାଁଉଛି। ଯାହା ଜୀବଜଗତ ପାଇଁ ଏକ ଭୟାନକ ବିପତ୍ତି। ଯେପରି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ମଣିଷର ଅମାନୁଷିକ କାର୍ଯ୍ୟକଳାପ, ଦ୍ରୁତ ଜନସଂଖ୍ୟା ବୃଦ୍ଧି, ସହରୀକରଣ, ବଡ଼ ବଡ଼ ଗଛ କାଟି ରାସ୍ତା ପ୍ରଶସ୍ତିକରଣ, ଜଙ୍ଗଲ ସଫା କରି ଖଣିଖାଦାନ ଖୋଳିବା, ଜଳାଶୟକୁ ପୋତି ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ତିଆରି କରିବା ଇତ୍ୟାଦି କାର୍ଯ୍ୟ ପରିବେଶ ପାଇଁ ସଙ୍କଟ ସାଜିଛି। ଯଦ୍ଦ୍ୱାରା ଜୀବଜଗତ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ। ଛଅ ଋତୁ ଆଜି ସାତ ସପନ। ଶ୍ରାବଣରେ ବୈଶାଖୀର ତାତି। ଆଜି ତିତିଲି, କାଲି ଫନି, ହୁଡ୍‌ହୁଡ୍, ଫାଇଲିନ୍ ପରି ସାମୁଦ୍ରିକ ଝଡ଼କୁ ସାମ୍ନା କରିବାକୁ ପଡୁଛି। ଏତଦ୍ ସହ ବାୟୁମଣ୍ଡଳରେ ଗ୍ରୀନ୍‌ହାଉସ ଗ୍ୟାସ୍ ବଢ଼ିବା ଫଳରେ ଭୂପୃଷ୍ଠ, ବାୟୁମଣ୍ଡଳ, ସାଗର, ମହାସାଗର ସବୁ ତାତିଗଲାଣି। କହିବାକୁ ଗଲେ ମେରୁ, ତରୁ, ମରୁ ସବୁ ତାତିଗଲାଣି। ପ୍ରତି ମୁହୂର୍ତ୍ତରେ ବାଜୁଛି ପ୍ରକୃତିର ସତର୍କ ଘଣ୍ଟି। ଜଳବାୟୁର ଜ୍ୱାଳାରୁ ମୁକ୍ତି ପାଇଁ ସାରା ବିଶ୍ୱ ଚିନ୍ତିତ। ଶ୍ରୀ ସାହୁ ଏହି ମର୍ମରେ କହିଛନ୍ତି ଧୀରେଧୀରେ ଉତ୍ତପ୍ତ ପରିବେଶ ଯୋଗୁଁ ଏବେଠୁ ଆମେ ତ୍ରାହି ତ୍ରାହି ଡାକିଲେଣି। ଆଗକୁ ପୁଣି ଅଛି। ବେଳ ଥାଉ ଥାଉ ଯଦି ବନ୍ଧ ନ ବାନ୍ଧିବା, ତେବେ ସର୍ବନାଶୀ କରାଳ ଗ୍ରାସରେ ଆମେ ବିଲୀନ ହେବା ସୁନିଶ୍ଚିତ। ପରିବେଶର ସୁରକ୍ଷା ଦିଗରେ ପ୍ରତିସ୍ତରରେ ପ୍ରତିଟି ମଣିଷ ସଚେତନ ହୋଇ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଉଦ୍ୟମ ଓ ପ୍ରୟାସ ଜାରି ରଖିବା ନିତାନ୍ତ ଜରୁରୀ ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ନଗର କଂଗ୍ରେସ କମିଟିର ସଭାପତି ନାରାୟଣ ସାମନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଧୂପ ଓ ଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଓଡ଼ିଶାର ବିକାଶ କ୍ଷେତ୍ରରେ ଅବଦାନ ଓ ରାଜନୈତିକ ବିଚକ୍ଷଣତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଶ୍ରାଦ୍ଧୋତ୍ସବରେ ପୂର୍ବତନ ପୌରାଧକ୍ଷ ରାଜୀବ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ୍ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଂଗ୍ରାମ ସାହାଣୀ, ପୂର୍ବତନ ଜୋନ୍ ସଭାପତି ମାନସରଞ୍ଜନ ପଣ୍ଡା, ଆଇନ ସେଲ୍ ସଭାପତି ନିତାଇ ଚାନ୍ଦ ମହାନ୍ତି, ଅଧିକାରୀ ନବକିଶୋର ଦାସ, ବିଦ୍ୟାଧର ଜେନା, ଗୋବିନ୍ଦଚନ୍ଦ୍ର ସାହୁ, ରଘୁନାଥ ସାହୁ ଓ ବିଜୟ ମହାପାତ୍ର ପ୍ରମୁଖ ସ୍ୱର୍ଗତଃ ପଟ୍ଟନାୟକଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କଲେ ରାଜ୍ୟ ବିଜେଡି ଉପସଭାପତି ରାଜା ଚକ୍ର



କେନ୍ଦୁଝର (ପିଏନ୍): ରାଜ୍ୟ ବିଜେଡି ଦଳର ଉପସଭାପତି ସୌମ୍ୟ ଶଙ୍କର ଚକ୍ର (ରାଜା ଚକ୍ର) ନିଜ ଜନ୍ମଦିନ କେନ୍ଦୁଝରସ୍ଥିତ ଗୋବିନ୍ଦପୁର ଠାରେ ଥିବା ଆଦୃତ ଅନାଥାଶ୍ରମର ଛୋଟ ଛୋଟ ପିଲାଙ୍କ ସହ ପାଳନ କରିଛନ୍ତି। କରୋନା କଟକଣା ହେତୁ ପିଲାଙ୍କ ପାଠପଢାରେ ଅବହେଳାକୁ ଉପଲବ୍ଧି କରି ପିଲାମାନଙ୍କୁ ପୁସ୍ତକ ଓ ପାଠ୍ୟ ଉପକରଣ ପ୍ରଦାନ କରି ଆଶ୍ରମରେ ରହି ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ସେହିପରି କେନ୍ଦୁଝର ବସ୍‌ଷ୍ଟାଣ୍ଡ ପାଖ ବସ୍ତିର ମହିଳାମାନଙ୍କୁ ଶାଢୀ ପ୍ରଦାନ କରିବା ସହ ବଢୁଥିବା କରୋନା ସଂକ୍ରମଣକୁ ଲକ୍ଷ୍ୟ କରି ସ୍ୱୟଂସେବକ ଗୋଷ୍ଠୀର ମହିଳାମାନଙ୍କୁ ଘରୋଇ ଉପକରଣ ନିର୍ମାଣ ତଥା ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ଚକ୍ର କହିଥିଲେ। ଏହି ନିରାଡମ୍ବର ଜନ୍ମଦିନ ପାଳନକୁ ସ୍ଥାନୀୟ ଅଂଚଳର ଜନସାଧାରଣ ପ୍ରଶଂସା କରିଛନ୍ତି।




## ଗଛରେ ପିଟିଲା କାର୍ : ଦମ୍ପତି ମୃତ, ୩ ଗୁରୁତର

ବୌଦ୍ଧ: ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଅନ୍ତର୍ଗତ ଝାଡ଼ରାଜିଙ୍ଗ ନିକଟରେ ଆଜି ସକାଳେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ଧକ୍କା ଦେଇଛି । ଫଳରେ ସ୍ୱାମୀ, ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ବ୍ରହ୍ମପୁର ରାଇପଡା ଅଂଚଳର ୫ ଜଣ କାର୍ ନଂ ଓଡ଼ି୧୬-୦୯୧୦ ଯୋଗେ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ଚାରିଛକ ନିକଟସ୍ଥ ଝାଡ଼ରାଜିଙ୍ଗ ଠାରେ କାର୍ ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଗଛରେ ଧକ୍କା ଦେଇଥିଲା । ଏଥିରେ ଘଟଣାସ୍ଥଳରେ ପତି ପତ୍ନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ । ଗୁରୁତର ମାନଙ୍କୁ ପ୍ରଥମେ ପୁରୁଣା କଟକ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ବୌଦ୍ଧ ମେଡ଼ିକାଲରେ ଭର୍ତି କରାଯାଇଛି । ମୃତ ଦମ୍ପତି ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅଧିନ ମନ୍ଦାର ଗାଁର ସୁରେନ୍ଦ୍ର ନାଏକ ଓ ତାଙ୍କ ପତ୍ନୀ ନମିତା ନାଏକ । ପୁରୁଣା କଟକ ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ପୋଖରୀରେ ବୁଡ଼ି ଦୁଇ ନାବାଳିକା ଭଉଣୀ ମୃତ

ଭଦ୍ରକ : ଏହି ଜିଲାର ବାସୁଦେବପୁର ବ୍ଲକ୍ ନାୟକାଣୀଡିହି ଥାନା ଅଧୀନସ୍ଥ ଗୋବିନ୍ଦପୁର ପଂଚାୟତର ବ୍ରଜାନନ୍ଦପୁର ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ପୋଖରୀରେ ବୁଡ଼ିଯାଇ ଦୁଇ ନାବାଳିକା ଭଉଣୀଙ୍କର ମୃତ୍ୟୁ ହୋଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଏହି ଗ୍ରାମର ସଦାନନ୍ଦ ଘଡେଇଙ୍କ ୧୨ ବର୍ଷର ଝିଅ ଲକ୍ଷ୍ମୀପ୍ରିୟା ଓ ଚାନ୍ଦବାଲି ଥାନା ଘଣ୍ଟେଶ୍ୱର ଅଂଚଳର ଧନେଶ୍ୱର ବାରିକଙ୍କ ୯ ବର୍ଷର ଝିଅ ବବ୍‌ଲି (ସଂପର୍କୀୟା ଭଉଣୀ) ଘରପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ । ତେବେ ବବ୍‌ଲି ନିଜ ମାମୁଁଘର ବ୍ରଜାନନ୍ଦପୁର ଗ୍ରାମର ସଦାନନ୍ଦଙ୍କ ଘରକୁ ବୁଲି ଆସିଥିବାବେଳେ ଏହି ଅଘଟଣ ଘଟିଛି । ଯାହା ଜଣାଯାଏ ଉଭୟ ଗାଧୋଇବାକୁ ଯାଇ ବୁଡ଼ିଗଲାବେଳେ କେହି ନଥିଲେ । ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକେ ଉଭୟଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ । ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲା । ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୩୩୩ କରୋନା ପଜିଟିଭ ଚିହ୍ନଟ, ୨ ମୃତ

ବାରିପଦା: ଗତ ମେ ମାସର ୩୧ ଦିନରେ ଦୈନିକ ୩୭୫.୪୨ ହାରରେ ମୋଟ ୧୧,୦୮୦ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଚଳିତ ଜୁନ୍ ମାସର ୯ ଦିନରେ ଦୈନିକ ୩୯୪.୬୭ ହାରରେ ମୋଟ ୩,୫୫୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଗତ ମେ ମାସରେ ଦୈନିକ ୨୯୯.୬୮ ହାରରେ ୯,୨୯୦ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଚଳିତ ଜୁନ ମାସର ୮ ଦିନରେ ଦୈନିକ ୩୮୨.୨୫ ହାରରେ ୩,୦୫୮ ଜଣ ସୁସ୍ଥ ହୋଇ ଫେରିଛନ୍ତି । ପୁଣି ମେ ମାସରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜୁନ ମାସର ୯ ଦିନରେ ୧୨ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏହି ସମୟରେ ଆଜି ଓଡ଼ିଶାରୁ ଚିହ୍ନଟ ହୋଇଥିବା ୬,୦୧୯ କରୋନା ପଜିଟିଭ କେଶ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ଗତ ୨୪ ଘଂଟା ମଧ୍ୟରେ ୩୩୩ ନୂଆ କରୋନା ପଜିଟିଭ ଚିହ୍ନଟ ହେବା ସାଙ୍ଗକୁ ଓଡ଼ିଶାରେ ପଚଂମ ସ୍ଥାନରେ ରହିଛି ଏବଂ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୧,୬୭୧ରେ ପହଁଚିଛି । ସେହିପରି ଜୁନ୍ ୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରୁ ୮୭.୬୩ ପ୍ରତିଶତ ହାରରେ ୨୭,୭୫୨ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୧୨.୦୩ ପ୍ରତିଶତ ହାରରେ ୩,୮୧୧ ଜଣ ସକ୍ରିୟ ଥାଇ ବାଙ୍କିଶୋଳ କୋଭିଡ଼ ହସପିଟାଲ, ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼, କୋଭିଡ଼ କେୟାର ସେଂଟର ଓ କଟକ-ଭୁବନେଶ୍ୱରରେ ଚିକିତ୍ସା ହେଉଛନ୍ତି । ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସୂଚନା ଆଧାରରେ ଆଜି ଜିଲ୍ଲାରୁ ୪୫ ବର୍ଷର ପୁରୁଷ ଓ ୩୪ ବର୍ଷିୟା ମହିଳାଙ୍କୁ ମିଶାଇ ୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଜିଲ୍ଲାରେ ୦.୩୩ ପ୍ରତିଶତ ହାରରେ ମୋଟ ୧୦୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟାନ୍ୟ କାରଣରୁ ୩ ଜଣଙ୍କର ଜୀବନ ଯାଇଥିବାର ଜଣାପଡ଼ିଛି । ସେହିପରି କେବଳ ଜୁନ ମାସର ୯ ଦିନରେ ଜିଲ୍ଲାରୁ ୩,୫୫୨ ଜଣ କୋଭିଡ଼-୧୯ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ବେଳେ ଆଜି ପୂର୍ବାହ୍ନ ସୁଦ୍ଧା ୩,୦୫୮ ଜଣ ସୁସ୍ଥ ହୋଇ ଫେରିଛନ୍ତି ।

## ସହୀଦ ଭଗତ ସେନାର ୫ ଅକ୍ସିଜେନ୍ ମେସିନ୍ ଫେରାଇ ଜିଲାପାଳ ଚର୍ଚ୍ଚାରେ

ଭଦ୍ରକ : କରୋନା ଭୂତାଣୁର ଭୟ ଏବେ ମଣିଷ ଜାତିକୁ ଘାରିଛି । ତେବେ ଏଥିରୁ ମୁକ୍ତି ପାଇବାକୁ ହେଲେ ଠିକ୍ ସମୟରେ ନା ମିଳୁଛି ଅକ୍ସିଜେନ୍, ନା ଟୀକାକେନ୍ଦ୍ରରେ ଭିଡ କମୁଛି । ଏମିତିକି ଟୀକା ବି ଏବେ ମିଳୁନାହିଁ । ଏଥିପାଇଁ ଲୋକେ ପୋକମାଛି ଭଳି ମରିବାକୁ ଲାଗିଲେଣି । ଏହି ରୋଗ ହେଲେ ହସ୍‌ପିଟାଲରେ ବି ବେଡ୍ ମିଳୁନାହିଁ । ରୋଗୀ ବାରଣ୍ଡାରେ ଶୋଇ ତାର ଜୀବନ ଯାଉଛି । ଏଭଳି ଜୀବନ୍ କେବଳ ଜଣେ ସାଧାରଣ ଲୋକଟିକୁ ଭୋଗିବାକୁ ପଡୁଛି । ଏ ସବୁର ନିରାକରଣ ଦିଗରେ କେହି ଦୟାବାନ୍ ଲୋକଟିଏ ଯଦି କିଛି ସହାୟତାର ହାତ ବଢାଏ, ତେବେ ତାକୁ ସମାଜ ସ୍ୱାଗତ କରେ । ମାତ୍ର ଭଦ୍ରକରେ ଏମିତି ଏକ ଘଟଣା ଘଟିଛି, ଯାହାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି । ଘଟଣାଟି ଏହିଭଳି । ଏହି ରୋଗର ନିରାକରଣ ଦିଗରେ ଅକ୍ସିଜେନ୍ ଏବେ ଏକମାତ୍ର ଅମୃତତୁଲ୍ୟ ହୋଇଥିବାବେଳେ ଭଦ୍ରକର ଅଗ୍ରଣୀ ସାମାଜିକ ସଂଗଠନ ସହୀଦ ଭଗତ ସେନା ପକ୍ଷରୁ ଅକ୍ସିଜେନ ଅଭାବକୁ ଦୃଷ୍ଟିରେ ରଖି ୫ଟି ଅକ୍ସିଜେନ୍ ମେସିନ୍ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଡ. ଜ୍ଞାନ ଦାସଙ୍କ ଜରିଆରେ ପ୍ରଦାନ କରିବାକୁ କର୍ମକର୍ତ୍ତାମାନେ ଆସିଥିଲେ । କିନ୍ତୁ ଜିଲାପାଳ ଡ. ଦାସ 'ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଅକ୍ସିଜେନ୍ ଅଛି ବୋଲି କହି ସମସ୍ତ ଅକ୍ସିଜେନ୍‌କୁ ଫେରାଇ ଦେଇଥିଲେ ।' ଫଳରେ ବାଧହୋଇ ଉକ୍ତ ସଂଗଠନ ସେଗୁଡ଼ିକୁ ଫେରାଇ ନେଇଥିଲେ । ଯାହାକି ଏହି ବିଷୟଟି ସହରରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଜିଲା ପ୍ରଶାସନ ପାଖରେ ଏମିତି କେତେ ଅକ୍ସିଜେନ୍ ମେସିନ୍ ଅଛି ଯେ ଆଉ ୫ଟି ମେସିନ୍ ରଖିଥିଲେ, ସେ ସବୁ ପଚି ଯାଇଥାନ୍ତା ।

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନଙ୍କୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ର ପୋଡି ପାଉଁଶ ହୋଇଯାଇଛି । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା । ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି । ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ଚିହ୍ନଟ ହେଲେ ୨୬୨ ଆକ୍ରାନ୍ତ

ଭଦ୍ରକ: ଭଦ୍ରକ ଜିଲ୍ଲାରୁ ଆଉ ୨୬୨ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହା ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୧୮ ହଜାର ୮୫୫ । ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇ ସାରିଛନ୍ତି ୧୬ ହଜାର ୨୮୩ । ଏବେ ସକ୍ରିୟ ଅଛନ୍ତି ୨୫୩୮ଜଣ । ନୂତନ ଚିହ୍ନଟଙ୍କ ମଧ୍ୟରେ ବନ୍ତ ବ୍ଲକର ନରିପୁର, ବନ୍ତ, କାଦବରାଙ୍ଗ, ନିଳୋକ, ପାରାବନ୍ଧ, କୁଣ୍ଡଳା, କ୍ଷେଣ୍ଡତୀରା ଗ୍ରାମରୁ ମୋଟ ୩୮ଜଣ, ଚାନ୍ଦବାଲି ବ୍ଲକର ଗୋପାଳପୁର, ବାଜରାପୁର, ଭାଟପଡା, ଧାମରା, ଦୋସିଙ୍ଗା, ବଳଭଦ୍ରପ୍ରସାଦ, ମତୋ, ମଉସୁଧା, ଓରାସାହି, ମାଣିପୁର, କରଣପଲ୍ଲୀ, ଗୁଆଁଶାଳ, ଖଡାଳପୋଖରୀ, ଖେରଙ୍ଗ ଗ୍ରାମରୁ ମୋଟ ୨୮ଜଣ, ଧାମନଗର ବ୍ଲକର ଦକ୍ଷିଣବାଡ, ଦଳାଙ୍ଗ, ଧୁଷୁରୀ, ଶୋଧ, ପତ୍ରିବିନ୍ଧା, ହସନାବାଦ, କଲ୍ୟାଣୀ, କାସିମପୁର, ଖପରପଡା, ଖଡିପଦା, ଷୋହଡା, କୋଠାର, କରଦା, ନଦୀଗାଁ ପ୍ରଭୃତି ଗ୍ରାମରୁ ୩୮ଜଣ ଚିହ୍ନଟ ହୋଇଛନ୍ତି । ଭଦ୍ରକ ପୌରପାଳିକାର କୁଆଁସ, ଚନ୍ଦନବଜାର, କଦମବେଡ଼ା, ଉତ୍ତରବାହିନୀ, ଗବସାହି, ବାଇପାସ, ବାଗୁରାଇ, ନୂଆବଜାର, ଜଗନ୍ନାଥପୁର ଗ୍ରାମରୁ ମୋଟ ୧୪ଜଣ, ବାସୁଦେବପୁର ପୌରପାଳିକାର ୱାର୍ଡ ନଂ ୧୧, ୮, ୧୯, ୧୪, ୨୨, ୧୦, ୯, ୧୬ରୁ ମୋଟ ୧୦ ଜଣ ଚିହ୍ନଟ ହୋଇଛନ୍ତି । ବାସୁଦେବପୁର ବ୍ଲକର ଅଡୁଆଁ, ନାଇକାଣିଡିହି, ବେତଡା, ଆନ୍ଦୋଳା, ଅରଣ୍ଡୁଆ, ଭଗାପୁର, ବାଲିମୁଣ୍ଡା, ବରଣ୍ଡୁଆ, ଗଦି, ବିନାୟକପୁର, ଚୁଡାମଣି, ପାଟଣାମିଶ୍ରପୁର, ଗୁଆଗଡ଼ିଆ, ଜଗନ୍ନାଥପୁର, କୃଷ୍ଣପୁର, କୁମାରପୁର, ନୂଆଗାଁ, ପଦୁଆଁ, ସାନକୃଷ୍ଣପୁର ଗ୍ରାମରୁ ୪୦ଜଣ, ଭଣ୍ଡାରିପୋଖରୀ ବ୍ଲକର ଭଗବାନପୁର, ନମକଣା, ଷୋଳମପୁର, ନପଙ୍ଗ, ଦେଓପଡା, ରଞ୍ଜିତ, ନରେଶପୁର ଗ୍ରାମରୁ ୧୨ ଜଣ, ଭଦ୍ରକ ବ୍ଲକର ଆମ୍ବରୋଳି, ଏରେଇଁ, ସାମରାଇପୁର, ଗେଲଟୁଆ, ଗୁଜିଦରଡା, ଖଣ୍ଡତଡା, କୋଳକୋଳା, ଓଲଙ୍ଗ, ରାନ୍ଦିଆ, ଆର.ଏନ. ବେତରା, ସାବରଙ୍ଗ, କେଦାରପୁର ଚରମ୍ପାରୁ ମୋଟ ୨୮ ଜର, ତିହିଡ଼ି ବ୍ଲକର ଚାଟିବୃତି, ଭାଟପଡା, ବୋଉକ, ରାଣିପୁର, ସିନ୍ଦୋଳ, ଅଟକ, ବାରୋ, ଦୋଳସାହି, ଶ୍ୟାମସୁନ୍ଦରପୁର, ନାଥପଡା ଓ ଗୋପସାହିରୁ ମୋଟ ୩୨ ଜଣ, ଚାନ୍ଦବାଲି ଏନ୍ଏସିରୁ ୩ଜଣ, ଅନ୍ୟ ଜିଲ୍ଲାର ୩ଜଣ ଏବଂ ଭଦ୍ରକ ଜିଲ୍ଲାର ୧୬ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି ।

## ୨ ଶହ ଲିଟରର ଦେଶୀ ମଦ ସହ ଗୋଟିଏ ବାଇକ୍ ଜବତ, ୩ ଗିରଫ

ଭଦ୍ରକ : ଜିଲାପାଳ ଡ. ଜ୍ଞାନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଓ ଉପଜିଲାପାଳ ପୀତାମ୍ବର ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଭ୍ରାମ୍ୟମାଣ ସ୍କ୍ୱାର୍ଡରେ ଭାରପ୍ରାପ୍ତ ଅଧିକାରୀ ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ତିହିଡି ଥାନା ଅଧୀନସ୍ଥ ତିହିଡି ବଜାର ଓ ପାଳିଆ ବଜାର ଅଂଚଳରେ ଚଢାଉ କରି ୨ ଶହ ଲିଟର ଦେଶୀ ରନ୍ଧା ମଦ ଓ ଓଡି-୨୨ଏଲ୍-୯୭୧୭ ନମ୍ବରର ହୋଣ୍ଡା ଲିଭୋ ମୋଟର ସାଇକେଲ୍ ଜବତ କରିଛନ୍ତି । ଏବଂ ଏଥିରେ ସଂପୃକ୍ତ ତିହିଡି ଥାନା ଅଧୀନସ୍ଥ ଜିଝାରପୁର ଗ୍ରାମର ଦର୍ଶନ ମଲିକ ଓ ନିର୍ମଳ ମଲିକ ଏବଂ ପୀରହାଟ ଥାନା ଅଧୀନସ୍ଥ ରାଜନଗର-ଗଦି ଗ୍ରାମର ଶଶିକାନ୍ତ ବାରିକଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରୟ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।
ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ ! ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି ! ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଲ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେବା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ସାର୍ବଜନିନ ଟିକାକରଣ ଓ ପରୀକ୍ଷା ବୃଦ୍ଧି ନିମନ୍ତେ ସିପିଆଇ(ଏମ୍)ର ଦାବି

ଭୁବନେଶ୍ୱର (ପିଏନ୍): ସମଗ୍ର ଦେଶର କରୋନାର ଦ୍ୱିତୀୟ ଲହର ତାଣ୍ଡବ ସୃଷ୍ଟି କଲାଣି । କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତରେ କରୋନା ସଂକ୍ରମଣ ରୋକିବା ରେ ବିଶ୍ୱରେ ଉଦାହରଣ ସ୍ତରୀୟ ହୋଇଥିବା ଏକ ମିଥ୍ୟା ଆସ୍ଫାଳନ ରୂପେ ପ୍ରତିପାଦିତ ହୋଇଛି । ସଂକ୍ରମଣ ସଂଖ୍ୟା ଦୃଷ୍ଟିରୁ ବିଶ୍ୱର ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଉନ୍ନିତ ହେବା ହିଁ ଆମ ସଫଳତା । ଦେଶରେ ଦୈନିକ ସଂକ୍ରମିତ ସଂଖ୍ୟା ୨ ଲକ୍ଷରୁ ଅଧିକ ହେବା ପୂର୍ବରୁ କେବେ ଦେଖା ଦେଇ ନଥିଲା । ମୃତକଙ୍କ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ଅବସ୍ଥାରେ ପହଞ୍ଚିଛି । ବିଶେଷ କରି ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଉତ୍ତରାଖଣ୍ଡ, କର୍ଣ୍ଣାଟକ ପରି ବିଜେପି ଶାସିତ ରାଜ୍ୟ ଗୁଡିକର ଅବସ୍ଥା ଅତ୍ୟନ୍ତ ସଙ୍ଗୀନ । ହସପିଟାଲରେ ଖଟିଆ ନାହିଁ । ମୃତ ବ୍ୟକ୍ତିଙ୍କ ଶବ ସତ୍କାର ପାଇଁ ଶ୍ମଶାନରେ ସ୍ଥାନ ନାହିଁ । ଏବେ ବିଭିନ୍ନ ରାଜ୍ୟରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟାକୁ ନ୍ୟୂନ କରି ଦେଖାଯାଉଛି । ଟିକା ଉତ୍ସବ ପାଳନ କେବଳ ଆତ୍ମପ୍ରଚାରରେ ସିମିତ । କେନ୍ଦ୍ର ସରକାର ଆବଶ୍ୟକ ପରିମାଣ ଟିକା ଯୋଗାଣ ନ କରିବାରୁ ଓଡିଶା ସମେତ ବହୁ ରାଜ୍ୟରେ ଟିକାଦାନ ବ୍ୟାହତ ହୋଇଛି । ଓଡିଶାର ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ସରକାର ଟୀକା ଯୋଗାଇବା ପାଇଁ ଦାବୀ ଉଠାଇଛି । ଓଡିଶାରେ ମଧ୍ୟ କରୋନା ତା'ର କାୟା ବିସ୍ତାର କରି ଚାଲିଛି । ପିପିଲି ସମେତ ପୂର୍ବର ଉପନିର୍ବାଚନ ଗୁଡିକରେ ଲଗାମହୀନ ଜନ-ସମାବେଶ ଏବଂ କୁମ୍ଭମେଳା ପାଇଁ ଉତ୍ତରାଖଣ୍ଡ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ସମାବେଶ କରୋନା ସ୍ଥିତିକୁ ଆହୁରି ଅଧିକ ଜଟିଳ କରିଛି ।

ଓଡିଶା ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଲାଗି ବିଭିନ୍ନ ସଂସ୍ଥା ନିକଟରୁ ସଫଳତାର ସାର୍ଟିଫିକେଟ୍ ଯୋଗାଡ କରୋନା ସଂକ୍ରମଣ ବ୍ୟାପିବା ରୋକିବାରେ ସହାୟକ ହେବ କି?

ଓଡିଶାରେ ଦ୍ୱିତୀୟ କରୋନା ସଂକ୍ରମଣର ଲହର ୪ ମାସରେ ୨ଗୁଣରୁ ଅଧିକ ବଢିଛି । ବାହାର ରାଜ୍ୟରୁ ଆସୁଥିବା ଲୋକ ଏବଂ ବିଦେଶରୁ ଆସୁଥିବା ଲୋକଙ୍କ କଡାକଡି ପରୀକ୍ଷା ନିଷ୍ପତ୍ତି କେବଳ ପ୍ରଚାରରେ ସିମୀତ । ରାଜ୍ୟରେ ଟିକାର ମଡକ ପଡିଛି । ଟିକା ପ୍ରଦାନକୁ ସାର୍ବଜାନିନ କରିବା ଦୂରର କଥା ସିମୀତ ବର୍ଗର ଲୋକଙ୍କ ପାଇଁ ଟିକା ନାହିଁ । ଏଣେ ପରିକ୍ଷାକୁ ନିରୁତ୍ସାହିତ କରାଯାଉଛି । ଲୋକଙ୍କୁ ନିଜ ଦାୟିତ୍ୱରେ ଛାଡି ଦିଆଯାଉଛି । ରାତ୍ରୀକାଳୀନ କର୍ଫ୍ୟୁ, ସମାବେଶ ଗୁଡିକରେ କଟକଣାକୁ ଲାଗୁ କରିବା ପାଇଁ ପୁଲିସର ମାତ୍ରାଧିକ କାର୍ଯ୍ୟ ଲୋକଙ୍କୁ ଭୟଭୀତ କରିବ । କରୋନା ସଂକ୍ରମଣ ରୋକିବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । କେନ୍ଦ୍ର ନିକଟରେ ଏହି ଅର୍ଥ ପାଇଁ ରାଜ୍ୟ ସରକାର ଦାବୀ କରୁନାହାଁନ୍ତି ।

କରୋନାର ଦ୍ୱିତୀୟ ଲହର କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ ଜୀବନଜୀବିକାକୁ ଗଭୀର ଭାବେ ପ୍ରଭାବିତ କରିବ । ଏଣୁ ସି.ପି.ଆଇ. (ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ବିବୃତ୍ତିରେ ନିମ୍ନ ଦାବୀଗୁଡିକ ଉତ୍ଥାପନ କରାଯାଇଛି ।

ରାଜ୍ୟରେ ଟିକାକରଣକୁ ସାର୍ବଜନୀନ କରିବା ଏବଂ ଅଧିକ ପରୀକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଦରକାର । ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟର ସମସ୍ତ ଜିଲ୍ଲାରେ କୋଭିଡ୍ ହସ୍‌ପିଟାଲ ଓ କେନ୍ଦ୍ର ଗୁଡିକୁ ତୁରନ୍ତ ପୁନଃ ପ୍ରତିଷ୍ଠା କରିବା ଦରକାର । ହସ୍‌ପିଟାଲ ମଧ୍ୟରେ ଆବଶ୍ୟକୀୟ ସରଞ୍ଜାମ, ପିପିଇ କିଟ, ଅମ୍ଳଜାନ ବ୍ୟବସ୍ଥା କରିବା ଦରକାର ।

ଓଡିଶା ବାହାରେ ରହୁଥିବା ଇଚ୍ଛୁକ ପ୍ରବାସୀମାନଙ୍କୁ କରୋନା-ପ୍ରବଣ ରାଜ୍ୟରୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ରାଜ୍ୟ ସରକାର ଦାବୀ କରନ୍ତୁ । ରାଜ୍ୟକୁ ଫେରୁଥିବା ପ୍ରତ୍ୟେକ ଲୋକର ପରୀକ୍ଷା କରାଯାଉ ଏବଂ ତୁରନ୍ତ ରିପୋର୍ଟ ପ୍ରଦାନର ବ୍ୟବସ୍ଥା ହେଉ । ଜୀବିକା ସଙ୍କଟ ନିରାକରଣ ପାଇଁ ତୁରନ୍ତ ଖାଦ୍ୟ ଗୋଦାମରେ ପଡି ରହିଥିବା ଖାଦ୍ୟସାମଗ୍ରୀକୁ ମାଗଣା ବଣ୍ଟନ କରିବା ସହିତ ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ନଗଦ ପ୍ରଦାନ କରାଯାଉ ।

## 'ଆହ୍ୱାନ' ନାଟ୍ୟସଂସ୍ଥା ପକ୍ଷରୁ ଗୋଖନାରେ ଜଳଛତ୍ର ଓ ମାସ୍କ ବଣ୍ଟନ

ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆହ୍ୱାନ' ପକ୍ଷରୁ ପବିତ୍ର ରାମନବମୀ ଅବସରରେ ଗୋଖନା ଛକଠାରେ 'ଆହ୍ୱାନ' କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ଜଳଛତ୍ର ମାଧ୍ୟମରେ ଦହି ସର୍ବତ ଓ ମାସ୍କ ବଣ୍ଟନ କରାଯାଇଥିଲା । 'ଆହ୍ୱାନ'ର ସମ୍ପାଦକ ବିଶ୍ୱଜିତ୍ ସାହୁଙ୍କ ଆବାହକତ୍ୱରେ ଜଳଛତ୍ର ଉଦ୍‌ଘାଟିତ ହେବା ସହିତ ଥଣ୍ଡା ଦହି ସର୍ବତ ସାଧାରଣ ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ପାଣ୍ଡବ ଚରଣ ସାହୁ ଫିତାକାଟି ଜଳଛତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସମାଜସେବୀ ହୃଷିକେଶ ପତି, ସହସମ୍ପାଦକ ଅକ୍ଷୟ କୁମାର ପୃଷ୍ଟି, ସମାଜସେବୀ ଶଶୀଭୂଷଣ ସାମଲ, ଜିତେନ୍ଦ୍ର ବେହେରା, ଅଧିକାରୀ ନବକିଶୋର ଦାସ, ଶୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରୀଷ୍ମ ଋତୁରେ ଜଳଦାନ ଭଳି ମହତ କାର୍ଯ୍ୟକୁ ଆଗ୍ରହ ସହକାରେ ଆପଣେଇ ଥିବାରୁ 'ଆହ୍ୱାନ' ସଂସ୍ଥା ପ୍ରତି ଜନସାଧାରଣଙ୍କର ଆଦର ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଥିଲା ।

## ପଦ୍ମପୁର ଶିବ ମନ୍ଦିର ପରିସରରେ ଦିବ୍ୟ ଭବ୍ୟ ଯଜ୍ଞମଣ୍ଡପ ପ୍ରତିଷ୍ଠା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରରେ ଅବସ୍ଥିତି ପଦ୍ମେଶ୍ୱର ଶୈବପୀଠ ପରିସରରେ ଏକ ଭବ୍ୟ ଦିବ୍ୟ ସୁନ୍ଦର ନୂତନ ଯଜ୍ଞ ମଣ୍ଡପର ପ୍ରତିଷ୍ଠା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ ମଣ୍ଡପଟି ପଦ୍ମପୁର ଗ୍ରାମର ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଦୁଷ୍ମନ୍ତ ସାହୁଙ୍କ ପୂର୍ଣ୍ଣ ଅନୁଦାନରେ ନିର୍ମିତ ହୋଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା । କରୋନା ମହାମାରୀ ବିପତ୍ତି ସମୟରେ ନିର୍ମାଣ କାର୍ଯ୍ୟ ୧ ବର୍ଷ ବନ୍ଦ ରହିଥିଲା । ଏବେ ଯଜ୍ଞ ମଣ୍ଡପଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ପ୍ରତିଷ୍ଠା ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ଶୁଭ ମନାସିଛନ୍ତି । ପ୍ରତିଷ୍ଠା ଦିବସ ପୂଜାରେ କୁଳ ପୁରୋହିତ ହୃଦାନନ୍ଦ ଶତପଥି ପୂଜା କାର୍ଯ୍ୟ କରିଥିବା ବେଳେ ଦୁଷ୍ମନ୍ତ ସାହୁଙ୍କର ସୁପୁତ୍ର ଶ୍ରୀମାନ ମାନସ କୁମାର ସାହୁ ସଙ୍କଳ୍ପରେ ବସିଥିଲେ । କୋରନା କଟକଣା ନିୟମକୁ ପାଳନ କରି ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଦଶରଥପୁର ବ୍ଲକ ବ୍ୟାପକ ଦୁର୍ନିତି ଓ ନନ୍ଦିପୁର ଗ୍ରାମପଞ୍ଚାୟତ ଅଫିସ ପୋଡିର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା କଂଗ୍ରେସ

ଯାଜପୁର (ପିଏନ୍): ଗତ ୧୭ ତାରିଖ ରାତ୍ରରେ ଘଟିଥିବା ଦଶରଥପୁର ବ୍ଲକ ଅଧିନସ୍ଥ ନନ୍ଦିପୁର ଓ ବିରୁହାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅଧିକାରୀ ସରପଞ୍ଚଓ ଦଶରଥପୁର ବ୍ଲକର କେତେକ କର୍ମଚାରୀଙ୍କ ପ୍ରରୋଚନାରେ ଅଫିସ କାଗଜପତ୍ରରେ ଅଗ୍ନିସଂଯୋଗ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଉପକରଣ ଧ୍ୱଂସ କରାଯାଇଛି । ଏଥିନିମନ୍ତେ ଦଶରଥପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଶ୍ୟାମସୁନ୍ଦର କରଙ୍କ ନେତୃତ୍ୱରେ ଯାଜପୁର ବିଧାନସଭା ମଣ୍ଡଳୀର ନେତା ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତା ମନୋରଞ୍ଜନ ଦାସ, ପୂର୍ଣ୍ଣ ଚନ୍ଦ୍ର ଜେନା, ବିଜୟ ମହାପାତ୍ର ପ୍ରଭୃତି କଂଗ୍ରେସର କର୍ମୀମାନେ ଜିଲ୍ଲାପାଳଙ୍କୁ ଭେଟି ନରିପେକ୍ଷ ତଦନ୍ତ କରିବା ପାଇଁ ଦାବି କରିବା ସହିତ ଦୋଷୀକୁ ଦୃଷ୍ଟାନ୍ତମୁଳକ ଦଣ୍ଡବିଧାନ କରିବା ପାଇଁ ଦାବି କରିଥିଲେ । ଏଥିସହିତ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନିତିର ସ୍ୱତନ୍ତ୍ର ଅଡିଟ୍ କରିବା ସହ ଭିଜିଲାନ୍ସ ଇନକ୍ୱାରି ପାଇଁ ଜିଲ୍ଲାପାଳଙ୍କୁ ପ୍ରତିନିଧି ଦଳ ଅନୁରୋଧ କରିଥିଲେ ।

## ବହୁଚର୍ଚ୍ଚିତ ଖଣ୍ଡରା ପଞ୍ଚାୟତ ଶୁଭଶ୍ରୀ ମୃତ୍ୟୁ ଘଟଣାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ

ଯାଜପୁର (ପିଏନ୍): ଶୁଭଶ୍ରୀ ହତ୍ୟାକାଣ୍ଡକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ଘଟୁଥିବା ବେଳେ କଂଗ୍ରେସ ଦଳ ସରକାରୀ ଦଳର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କର ଏହି ହତ୍ୟାକାଣ୍ଡରେ ହାତ ରହିଛି ବୋଲି ଦାବିକରିଛି । ଜିଲ୍ଲାପାଳଙ୍କୁ ଭେଟି କଂଗ୍ରେସର ଏକ ପ୍ରତିନିଧି ଦଳ ମୃତ ଶୁଭଶ୍ରୀ ହତ୍ୟାକାଣ୍ଡ ସମ୍ପର୍କରେ ଅବଗତ କରାଇବା ସହ ପୁଲିସ୍ ପ୍ରଶାସନର ନିରବତା ସମ୍ପର୍କରେ ମଧ୍ୟ ଘଟଣାର ତତ୍ପରତା ପ୍ରକାଶ ନକରି ତିନି ମାସ ନୀରବ ବସିରହିବା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟକରିଛି । ପୋଲିସ୍ ଏହି ଘଟଣାକୁ ନେଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ହତ୍ୟାକାଣ୍ଡର ମୁଖ୍ୟ ଆଶାମୀ ଗରିଫ କରି ଓ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ବୋଲି କଂଗ୍ରେସ ଅଭିଯୋଗ କରିଛି । ଏଣୁ ପିଡିତାକୁ ନ୍ୟାୟ ମିଳିବା ସହିତ ୨୦ ଲକ୍ଷ ଟଙ୍କାର କ୍ଷତି ପୁରଣ ଦେବାକୁ କଂଗ୍ରେସର ପ୍ରତିନିଧିଳ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଘଟଣାର ସତ୍ୟ ପ୍ରକାଶ ନିମନ୍ତେ ବିଚାର ବିଭାଗୀୟ ତଦନ୍ତ ମଧ୍ୟ ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଯାଜପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତନା ମନୋରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା ସମେତ କଂଗ୍ରସ କର୍ମୀମାନେ ଜିଲ୍ଲାପାଳଙ୍କ ନିକଟରେ ଦତଦନ୍ତ ନିମନ୍ତେ ଅନୁରୋଧ କରିଛନ୍ତି ।

# ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଭାରତରତ୍ନ ପାଇଁ ଦାବି



ଭୁବନେଶ୍ୱର (ପିଏନ୍): ପ୍ରବୀଣ ଜନନାୟକ, ସାହିତ୍ୟିକ, ସଂପାଦକ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ତରଫରୁ ୬ତମ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା । ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସାଧାରଣ ସଂପାଦକ ତଥା ଯୁବ ସମାଜସେବୀ ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ), ସଭ୍ୟବୃନ୍ଦ, କର୍ମକର୍ତ୍ତା, ଉପଦେଷ୍ଟା ଓ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଉପସ୍ଥିତ ରହି ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅଭୁଲା ଓ ଅମର ଜୀବନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କର ଆମାୟିକ ବ୍ୟବହାର ତଥା ସମାଜର ବିଭିନ୍ନ ଉଲ୍ଲେଖନୀୟ ଦିଗ ପ୍ରତି ତାଙ୍କ ସମର୍ପିତ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ । ପ୍ରକାଶ ଥାଉକି, ସ୍ୱର୍ଗତ ପଟ୍ଟନାୟକ ୨୦୦୧ ମସିହାରେ ସଂଘର ଅଷ୍ଟମ ବାର୍ଷିକ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂଘର ସାଂସ୍କୃତିକ ଧାରାକୁ ବଜାୟ ରଖିବାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଯୁବକମାନଙ୍କର କଳା ଓ ସଂସ୍କୃତି ପ୍ରତିଥିବା ଆଗ୍ରହକୁ ଆଗେଇ ନେବାରେ ତାଙ୍କର ସବୁପ୍ରକାର ସାହାଯ୍ୟ ସହଯୋଗ ଓ ସହାନୁଭୂତି ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ଆସାମର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବାପରେ ସଂଘ ତାଙ୍କୁ ତାଙ୍କ ବାସ ଭବନରେ ସମ୍ବର୍ଦ୍ଧନା ଦେବା ଅବସରରେ ସେ ତାଙ୍କର ପୁରୁଣା ଦିନର ସ୍ମୃତିକୁ ମନେପକାଇବା ସହ ତାଙ୍କର ମେଳାପୀ, ବନ୍ଧୁ ବତ୍ସଳ, ଉତ୍ସାହ ଓ ଆତ୍ମୀୟତାବୋଧ ସଂଘ ପାଖରେ ଆଜି ବି ଜୀବନ୍ତ ଓ ଏକ ଅମୂଲ୍ୟ ସମ୍ପଦ ହୋଇ ରହିଛି । ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଇଷ୍ଟ ଦେବତା ଈଶାଣେଶ୍ୱର ମହାଦେବଙ୍କ ମନ୍ଦିର ସଂପର୍କରେ ସେ ପଚାରି ବୁଝିଥିଲେ ଓ ମନ୍ଦିରର ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ମଧ୍ୟ ତାଙ୍କୁ ଉପସ୍ଥାପନ କରାଯାଇଥିଲା । ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ସଂଘ ସହିତ ବିତାଇ ଥିବା ମୁହୂର୍ତ୍ତ ଚିରସ୍ମରଣୀୟ ହୋଇ ରହିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ, ଗଦାଧର ପ୍ରସାଦ ରଥ, ନିରଞ୍ଜନ ସାହୁ, ନାରାୟଣ ପ୍ରତାପ ରାୟ, ମଦନ ମୋହନ ପୃଷ୍ଟି, ଶିଶିର କୁମାର ମହାରଣା, ଗୋବିନ୍ଦ ଚନ୍ଦ୍ର ଦାସ, ଅର୍ଜୁନ ଦେହୁରୀ ଓ ନାଟ୍ୟ ନିର୍ଦ୍ଦେଶକ ଛବି ବାରିକ, ସ୍ଥାନୀୟ ବରଷ୍ଠ ନାଗରିକ ଓ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରଯାଇଥିଲା । ପରେ ପରେ ଅନୁଷ୍ଠାନର ଶୋକ ପୁସ୍ତିକାରେ ସ୍ୱାକ୍ଷର କରିବା ସହିତ ସଂଘର ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା ଧନ୍ୟବାଦ ପ୍ରସ୍ତାବ ସହ ସଭା ସାଂଗ କରାଯାଇଥିଲା ।

## ବିଧାୟକ ସାଂସଦ ମୁହାଁମୁହିଁ ସ୍ଥିତିରେ : କର୍ମୀ ବିଭାଜିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ହେଉଛି ରାଜନୀତିର ପ୍ରଶିକ୍ଷଣ କ୍ଷେତ୍ର । ଏହି କ୍ଷେତ୍ରରେ ଯିଏ ନାମ ଲେଖାଇଛି ସେ କେବେ କେଉଁଠି ହାରିବାର ପ୍ରଶ୍ନ ଉଠୁନି । ଏହି କ୍ଷେତ୍ରରୁ ରାଜ୍ୟର ବହୁ ବିଶିଷ୍ଟ ନେତା ବିଜୟୀ ହୋଇ ରାଜ୍ୟ ତଥା କେନ୍ଦ୍ର ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରି ହଇଚଇ ସୃଷ୍ଟି କରିଛନ୍ତି । ଅତୀତର ରାଜନୀତି ସହିତ ବର୍ତ୍ତମାନ ରାଜନୀତିକୁ ତୁଳନା କଲେ ଏହା କଣ କେନ୍ଦ୍ରାପଡାର ରାଜନୀତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ପ୍ରଶ୍ନ କରନ୍ତି । ଆଜିକାଲି ଦଳୀୟ ଶୃଙ୍ଖଳାକୁ ପଛରେ ପକାଇ ନେତାମାନେ ମନମୁଖୀ ଭାବେ ରାଜନୀତି କରୁଛନ୍ତି ଫଳରେ ସଚା କର୍ମୀଟିଏ ବଳି ପଡୁଥିବା ଦେଖାଯାଉଛି । ଏପରି ରାଜନୈତିକ ସ୍ଥିତି କେନ୍ଦ୍ରାପଡାରେ ଦେଖିବାକୁ ମିଳୁଛି । ଏବେ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । କର୍ମୀମାନେ ଏହାର ଫାଇଦା ନେବାକୁ ଉଦ୍ୟମ କରୁଛନ୍ତି । ଗତ କିଛିଦିନ ପୂର୍ବେ କେନ୍ଦ୍ରାପଡା ବିଧାୟକଙ୍କ ପରିବାର ସଦସ୍ୟ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଦର୍ଶନ କରିଥିଲେ ଓ ଏଥିରେ କେତେକ ଆଗଧାଡିର ଦଳୀୟ କର୍ମୀ ସାମିଲ ହୋଇଥିଲେ । ତାହାର ଠିକ ଗୋଟିଏ ଦିନ ପରେ ହଠାତ୍ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ଆସି ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସହରର ଛାମୁଆ ନେତାମାନେ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ । ଗତ ବିଶ୍ୱ ମହିଳା ଦିବସରେ କେନ୍ଦ୍ରାପଡା ସହରରେ ହୋଇଥିବା ବୈଠକରେ କେନ୍ଦ୍ରାପଡା ସାଂସଦକୁ ବାଛନ୍ଦ କରାଯାଇଥିଲା । ଯଦ୍ୱାରାକି କିଛି ଦିନ ଧରି ସାଂସଦ ଶ୍ରୀ ମହାନ୍ତି କେନ୍ଦ୍ରାପଡା ଆସୁ ନ ଥିଲେ । ତେବେ କେଉଁ ପରିସ୍ଥିତିରେ ସେ କେନ୍ଦ୍ରାପଡା ଗସ୍ତରେ ଆସି କେନ୍ଦ୍ରାପଡା ସହରର ବିକାଶ ପାଇଁ ସାଂସଦ ପାଣ୍ଠିକୁ ବିନିଯୋଗ କରିବେ ବୋଲି ଛାମୁଆ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ତାହା ବୁଝାପଡୁନି । ସାଂସଦ ପାଣ୍ଠି ମାଧ୍ୟମରେ ସେ ସଂଗଠନ କରିବେ ବୋଲି ଆଲୋଚନା ହେଉଛି । ଏହି ଲକ୍ଷ୍ୟରେ ସହରର ନସଡିପୁରସ୍ଥିତ ମଦ୍ରାସା ବୁଲି ଦେଖିବା ସହିତ ବଳଦେବ ହାଇସ୍କୁଲକୁ ଯାଇ ସ୍କୁଲର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନଗର ବିଜେଡିର ନେତାମାନେ ସାମିଲ ହୋଇଥିଲେ । ବିଧାୟକ ଶଶୀଭୂଷଣ ବେହେରାଙ୍କଠାରୁ ଦୂରେଇ ଯାଉଥିବା ବିଜେଡିର କିଛି ନେତା ସାଂସଦଙ୍କ ସହିତ ସାମିଲ ହୋଇ ଶ୍ରୀ ବେହେରାଙ୍କୁ ଝଟକା ଦେବାକୁ ଉଦ୍ୟମ କରୁଥିବା ଆଲୋଚନା ହେଉଛି । ଫଳରେ କେନ୍ଦ୍ରାପଡାରେ ବିଧାୟକ ସାଂସଦ ମୁହାଁମୁହିଁ ହେବାର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ପରିସ୍ଥିତିରେ କେତେକ ଖ ବର୍ଗର ବିଜେଡି ନେତା ଫାଇଦା ନେବାକୁ ଉଦ୍ୟମ କରୁଥିବା ବେଳେ ସଚ୍ଚା ବିଜେଡି ନେତାମାନେ କ'ଣ କରିବେ ବୋଲି ଭାବି ବଳି ପଡୁଛନ୍ତି । ଏହି ଘଟଣା କେନ୍ଦ୍ରାପଡାରେ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି ।

## ଲୁଥେରାନ ଯୌନ ଶୋଷଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପୋଲିସ ପ୍ରଶାସନ ବିଫଳ

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ପଟରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଥିବା ଲୁଥେରାନର ସଭାପତି, ଶିଶୁ ଯତ୍ନ ଅନୁଷ୍ଠାନର ସୁପରିନଟେଣ୍ଡେଣ୍ଟ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ପି.ଓ. ଆଇ.ସି.ଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କେନ୍ଦ୍ରାପଡାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ନିର୍ଦ୍ଦେଶର ୯ ଦିନ ପରେବି ପ୍ରଶାସନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସଫଳ ହୋଇନଥିବା ଦେଖାଯାଇଛି । ଏଭଳି ପରିସ୍ଥିତିରେ ଉଭୟ ପୋଲିସ ଓ ପ୍ରଶାସନର ନୀରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲୁଥେରାନର ଜନୈକ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ ଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ କାହିଁକି ପଛଘୁଂଚା ଦେଉଛି ତାହା ବୁଝାପଡୁନି । ଯଦି ଜିଲ୍ଲାର ଏଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ପ୍ରତି ପ୍ରଶାସନ ଓ ପୋଲିସର କୋହଳ ମନୋଭାବ ଦେଖାଯାଏ ତେବେ ସାଧାରଣ କ୍ଷେତ୍ରରେ କିଭଳି ଲୋକମାନେ ନ୍ୟାୟ ପାଇପାରିବେ ତାହା ସହଜରେ ଅନୁମେୟ । ତେଣୁ ଜିଲ୍ଲା ପ୍ରଶାସନ ଓ ପୋଲିସ ଏହି ଘଟଣାରେ ଆଉ କାଳବିଳମ୍ବ ନକରି ଯଥାଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିରପେକ୍ଷତାର ପ୍ରମାଣ ଦେଉ ବୋଲି ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି ।

## କୋଭିଡ ସଚେତନତା ଓ ଅମାନିଆଙ୍କଠାରୁ ଜୋରିମାନା ଆଦାୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଗତ ଗୁରୁବାର କେନ୍ଦ୍ରାପଡା ସହରରେ ବୁଲି ବୁଲି ଜନସାଧାରଣଙ୍କ ସମେତ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ସଚେତନ କରିଥିବା ଦେଖିବାକୁ ମିଳିଛି । ଏଥିସହିତ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ପ୍ରତ୍ୟେକ ଦୋକାନ ସମ୍ମୁଖରେ ଧଳା ରଙ୍ଗରେ ଗୋଲେଇ କାଟି ସାମାଜିକ ଦୂରତା ରକ୍ଷା ପୂର୍ବକ ଗ୍ରାହକମାନେ ନିର୍ଦ୍ଦିଷ୍ଟ ଦୂରତାରେ ଛିଡା ହୋଇ ମୁହଁରେ ମାସ୍କ ପିନ୍ଧି ଦୋକାନରୁ ସଉଦା କିଣିବାର ବ୍ୟବସ୍ଥା କରିବାକୁ ଦୋକାନୀମାନଙ୍କୁ ପରାମର୍ଶ ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକର । କୋଭିଡ ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାଇ ଜୋରିମାନା ସହ ଦଣ୍ଡ ବ୍ୟବସ୍ଥା କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ ଦୋକାନୀମାନଙ୍କୁ କହିଛନ୍ତି । ସହରର ଦୋକାନ ଗୁଡିକ ସମ୍ମୁଖରେ ବିନା ମାସ୍କରେ ଥିବା ୩ଜଣ ମହିଳା ଓ ୫ଜଣ ପୁରୁଷ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ପୋଲିସ ଆଦାୟ କରିଥିବା ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକରଙ୍କ ସହିତ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣ ଓ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ବୁଝାଇଥିଲେ ।

## ଦୁଇଟି ପୃଥକ ଦୁର୍ଘଟଣାରେ ୨ ମୃତ, ୬ ଆହତ

ଆନନ୍ଦପୁର (ପିଏନ୍): ଘଷିପୁରା ଓ ଆନନ୍ଦପୁର ଥାନା ଅଂଚଳରେ ଦୁଇଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ଆନନ୍ଦପୁର ଥାନା ଗୟଳମୁଣ୍ଡା ପଂଚାୟତ ଜାଳି ଗ୍ରାମ ନିକଟରେ ଏକ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଭିକାରିମନ୍ଦା ଗ୍ରାମର କାପୁରା ସୋରେନ(୬୫) । ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହେବାରୁ ଅଟୋଟି ରାସ୍ତାକଡକୁ ଓଲଟି ପଡିଥିଲା । ଘଟଣାସ୍ଥଳରେ କାପୁରାଙ୍କର ମୃତ୍ୟୁ ଘଟିଥିଲା । ମାଇଲୋ ସୋରେନ୍(୩୨), ପୁରମାଲ ହାଁସଦା (୩୬), କାଲା ମୁର୍ମୁ(୪୨)ଙ୍କ ସମେତ ଆଉ ୩ଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାକୁ ପଠାଇଥିଲେ । ଆନନ୍ଦପୁର ପୋଲିସ୍ ମୃତଦେହକୁ ଜବତ କରି ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ଦୁର୍ଘଟଣା ଘଟାଇବା ପରେ ପିକଅପ ଭ୍ୟାନ୍ ଫେରାର ହୋଇଯାଇଛି । ସେହିପରି ୨୦ନଂ ଜାତୀୟ ରାଜପଥ ଘଷିପୁରା ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ନିକଟରେ ଟ୍ରକ୍ ଧକ୍କାରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ବୟସ ପାଖାପାଖି ୬୫ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ବୀରଗୋବିନ୍ଦପୁର ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ଆଣିଥିଲା । ମୃତକଙ୍କ ପରିଚୟ ମିଳିନଥିବାରୁ ଶବକୁ ଅପରାହ୍ନରେ ଜିଲ୍ଲା ଶବାଗାରକୁ ପଠାଇ ଦିଆଯାଇଛି ।

## ଗ୍ରାମ୍ୟଉନ୍ନୟନ ଡିଭିଜନ କାର୍ଯ୍ୟାଳୟ ସାନିଟାଇଜ ହେଲା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଛାପୁର ଠାରେ ଥିବା ଗ୍ରାମ୍ୟ ଉନ୍ନୟନ ଡିଭିଜନର ଜନୈକ ଯନ୍ତ୍ରୀ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରେ କରୋନା ପଜିଟିଭ ବାହାରିବା ପରେ ସଂପୂର୍ଣ୍ଣ କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଛି । ସଂପୃକ୍ତ ଯନ୍ତ୍ରୀ ଜଣଙ୍କ ଉଭୟ ଡିଭିଜନର ଦାୟିତ୍ୱରେ ଥିବାରୁ ଉଭୟ ଡିଭିଜନର ସଂପୂର୍ଣ୍ଣ କାର୍ଯ୍ୟାଳୟ ପରିସରକୁ ସାନିଟାଇଜ କରାଯାଇଥିବା ସୂଚନା ମିଳିଛି ।

## ବଳଦେବ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକସଭା



କେନ୍ଦ୍ରାପଡ଼ା (ପିଏନ୍): ବଳଦେବ ହାଇସ୍କୁଲର ୧୯୯୩ମସିହା ମାଟ୍ରିକ ବ୍ୟାଚର ପୁରାତନ ମେଧାବୀ ଛାତ୍ର ଇଂ ପ୍ରିୟଶ୍ଳୋକ ଆର୍ଯ୍ୟଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ ପାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକଙ୍କ ଅଧକ୍ଷତାରେ ବିଦ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ପରିଚାଳନା ସମିତି ସଭାପତି ଗୁରୁ ଚରଣ ପ୍ରଧାନ, ବରିଷ୍ଠ ଶିକ୍ଷକ ନିର୍ମଳ କୁମାର ପ୍ରଧାନ, ପଣ୍ଡିତ ହରେକୃଷ୍ଣ ପତି, ରାଷ୍ଟ୍ରଭାଷା ଶିକ୍ଷକ ତପନ କୁମାର ଦାଶ, ହୃଷିକେଶ ସ୍ୱାଇଁ, କ୍ଷୀରୋଦ କୁମାର ପରିଡା, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ର ସ୍ୱର୍ଗତ ଆର୍ଯ୍ୟଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସେ ଜଣେ ମେଧାବୀ, ମେଳାପି, ବନ୍ଧୁବତ୍ସଳ ଓ ପରୋପକାରୀ ଛାତ୍ର ଥିଲେ । ତାଙ୍କର ଅକାଳ ବିୟୋଗରେ ସମସ୍ତ ଶିକ୍ଷକ,ଶିକ୍ଷିକା,ପୁରାତନ ତଥା ନୂତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପୂର୍ବ ଶତୃତାକୁ ନେଇ ପରିବାରକୁ ମାରଣନ୍ତକ ଆକ୍ରମଣ, ୨ ଗିରଫ

ଧର୍ମଶାଳା : ପୂର୍ବ ଶତୃତାକୁ ନେଇ ଗୋଟିଏ ପରିବାରକୁ ମାରଣନ୍ତକ ଆକ୍ରମଣ । ଏହି ଘଟଣାରେ ଉଭୟ ପକ୍ଷରୁ ମୋଟ ୮ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମଙ୍ଗଳପୁର ପଂଚାୟତସ୍ଥ ମଦିନାବାଗ ଗ୍ରାମରେ । ଏହି ଗ୍ରାମର ମୋଇଉଦ୍ଦିନଙ୍କ ପରିବାର ଉପରେ ୨୫ରୁ ଉର୍ଦ୍ଧ ଲୋକେ ଘରେ ପଶି ମାରଣନ୍ତକ ଆକ୍ରମଣ କରିଛନ୍ତି । ଏହି ଘଟଣାରେ ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି । ଆସନ୍ତା କାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଦାଶରଥୀ ପାତ୍ର ସୂଚନା ଦେଇଛନ୍ତି । ସୂଚନା ମୁତାବକ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମଦିନାବାଗ ଗ୍ରାମର ମୋଇଉଦ୍ଦିନଙ୍କ ପୁଅ କିଛି ଦିନ ପୂର୍ବେ ବ୍ରହ୍ମବରଦା ଗ୍ରାମର ତଜମୁଲଙ୍କ ଝିଅକୁ ପ୍ରେମ ଜାଲରେ ଫସାଇ ବିବାହ କରିଥିଲେ । ତାହାକୁ ନେଇ ସେହି ଦିନଠାରୁ ଉଭୟ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା । ତିନି ଦିନ ପୂର୍ବେ ଉଭୟଙ୍କ ମଧ୍ୟରେ ଏହି ତିକ୍ତତା ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ସ୍ଥାନୀୟ ଭଦ୍ର ଲୋକଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା । ତେବେ ଆଜି ସକାଳେ କୌଣସି କାରଣରୁ ଉଭୟ ପରିବାରଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇ ଉଗ୍ରରୂପ ନେଇଥିଲା । ତଜମୁଲଙ୍କ ପରିବାର ଓ ବନ୍ଧୁ ଏବଂ ସାହି ପଡିଶା ଲୋକେ ମୋଇଉଦ୍ଦିନଙ୍କ ପରିବାର ଉପରେ ଆତର୍କୀତ ଆକ୍ରମଣ କରିଥିଲେ । ମୋଇଉଦ୍ଦିନଙ୍କ ପରିବାର ପକ୍ଷରୁ ଜୀବନ ବଂଚାଇବା ଲାଗି ପାଲଟା ଆକ୍ରମଣ କରିଥିଲେ । ଏହି ଘଟଣା ଉଗ୍ର ରୂପ ନେଇଥିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିପାରି ନଥିଲେ । ଆକ୍ରମଣ କରିବା ପରେ ସମସ୍ତେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ଆକ୍ରମଣରେ ମୋଇଦ୍ଦିନଙ୍କ ପରିବାରର ତାଙ୍କ ବୁଢୀ ମାଆ, ଭାଇ ଓ ପୁଅ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ବୁଢୀ ମାଆ, କଲୋ, ଜଲୋ ଓ ନାୟା ପ୍ରମୁଖ ଗୁରୁତର ଆହତ ହୋଇଥିଲେ । ରକ୍ତଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ବୁଢୀ ମାଆଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ସେପଟେ ଏହି ପାଲଟା ଆକ୍ରମଣରେ ତଜମୁଲଙ୍କ ପରିବାର ଅଜମଲ, ଆତିକ ଓ ଟିକନ ପ୍ରମୁଖ ଆହତ ହୋଇଥିଲେ । ଏନେଇ ବ୍ରହ୍ମବରଦା ଫାଣ୍ଡିରେ ମୋଇଉଦ୍ଦିନଙ୍କ ପରିବାର ନରଗିସ ପରୱିନ ୩୦ରୁ ଉର୍ଦ୍ଧ ଲୋକଙ୍କ ନାମରେ ଅଭିଯୋଗ କରିଛନ୍ତି । ଏବଂ ପୋଲିସ ୨୯/୬/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଏହି ଘଟଣାରେ ୨ଜଣ ଯୁବକକୁ ଗିରଫ କରିଛି । ସେମାନେ ହେଲେ ରାଜା ଖାଁନ ଓ ସେକ୍ ଅଫତାଉଲ୍ଲା ବୋଲି ଜଣାପଡିଛି । ଅନ୍ୟପକ୍ଷେ ଏହି ଘଟଣାରେ ପାଲଟା ଅଭିଯୋଗ ହୋଇନ ଥିବା ଜଣାପଡିଛି । ଆସନ୍ତା କାଲି ଏହି ଦୁହିଁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଡି ଦାଶରଥୀ ପାତ୍ର ସୂଚନା ଦେଇଛନ୍ତି ।

## କୋଭିଡ୍ ୧୯ର ତାଲାବନ୍ଦ ବେଳେ ସ୍ୱସ୍ତି ଫାଉଣ୍ଡେସନର ନିଆରା କାର୍ଯ୍ୟକ୍ରମ

କେନ୍ଦୁଝର: ସ୍ୱସ୍ତି ଫାଉଣ୍ଡେସନ କେନ୍ଦୁଝର ତରଫରୁ କୋଭିଡ୍ ୧୯ର ତାଲାବନ୍ଦ ସମୟରେ ନିଆରା କାର୍ଯ୍ୟକ୍ରମ ଅର୍ଥାତ୍ ସଙ୍ଗରୋଧର ଥିବା ପରିବାର, ଅସହାୟ ବ୍ୟକ୍ତି, ରାସ୍ତାକଡରେ ଜୀବନ ବିତାଉଥିବା ନିସଃହାୟ ବ୍ୟକ୍ତି ମାନଙ୍କୁ ରନ୍ଧା ଖାଦ୍ୟ ଦୁଇଓଳା ବଣ୍ଟନ କରି ଆସୁଛି । ଅନୁଷ୍ଠାନର ସମ୍ପାଦକ ମାନସ ରଂଜନ ପଣ୍ଡାଙ୍କ ନେତୃତ୍ୱରେ ୧୨ଜଣ ସ୍ୱେଚ୍ଛାସେବୀମାନେ କରୋନାକୁ ଭୟ ନକରି କୋରନା ଯୋଦ୍ଧା ଭାବରେ ଆଗଭର ହୋଇ ଦୁଇଓଳା ଖାଦ୍ୟ ରାନ୍ଧିବା, କରୋନା ମାର୍ଗଦର୍ଶିକାର ନିୟମକୁ ମାନି ପାର୍ସଲ ପ୍ରସ୍ତୁତ କରିବା, ଘରକୁ ଘର ବୁଲି ଦୁଇଓଳା ରନ୍ଧା ଖାଦ୍ୟ ମେ ୧୭ତାରିଖରୁ ଆଜି ସୁଦ୍ଧା ବଣ୍ଟନ କରି ଆସୁଛନ୍ତି । ସଙ୍ଗରୋଧରେ ଥିବା ୨୧ପରିବାର, ରାଙ୍କି କୋଭିଡ୍ ଡାକ୍ତରଖାନା ସମ୍ମୁଖରେ ଭୟଭୀତ ଅବସ୍ଥାରେ ବସିଥିବା ରୋଗୀର ସମ୍ପର୍କୀୟ, ରାସ୍ତାକଡରେ ଜୀବନ ବିତାଉଥିବା ଅସହାୟ ମଣିଷ, ଭୋକରେ ରହୁଥିବା ବୁଲା କୁକୁର, ଷଣ୍ଢ, ଗାଈଗୋରୁ ମାନଙ୍କୁ ରନ୍ଧା ଖାଦ୍ୟ ନିଷ୍ପାର ସହ ବଣ୍ଟନ କରାଯାଉଛି । ଆବଶ୍ୟକ ସ୍ଥଳେ ରୋଗୀ ମାନଙ୍କୁ ଅକ୍ସିଜେନ ସିଲିଣ୍ଡର, ଔଷଧ, ଫଳ ଆଦି ଯୋଗାଇ ଦିଆଯାଉଛି ।

## ଜାତୀୟ ରାଜପଥ ୪୯ନଂ ର ଅବରୋଧ ଅଭ୍ୟାସରେ ପରିଣତ ହେଲାଣି, ଜନ ଅସନ୍ତୋଷ ତୀବ୍ର

କେନ୍ଦୁଝର: କେନ୍ଦୁଝର ଜିଲ୍ଲାର ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣିକୁ ଲେଡିଂ ପାଇଁ ଯାଉଥିବା ଟ୍ରକ ପାଇଁ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡୁଛି । ଗୁରୁବାର ଦିନ ହଜାର ହଜାର ଟ୍ରକ ରାସ୍ତା ଉପରେ ଛିଡା ହୋଇ ରହିବାରୁ ଗମନାଗମନ ସଂପୂର୍ଣ୍ଣ ଠପ ହୋଇ ଯାଇଥିଲା । ଓଏମ୍‌ସି ପକ୍ଷରୁ ଅଧିକ ସଂଖ୍ୟାରେ ପ୍ରୋଗ୍ରାମ ଦିଆଯାଉଥିବାରୁ ଏଭଳି ସମସ୍ୟା ଉପୁଜୁଥିବା କିଛି ଟ୍ରକ ମାଲିକମାନେ କହିଛନ୍ତି । ଅନ୍ୟପକ୍ଷରେ ଗାଡିଗୁଡିକ ବାମ ଓ ଡାହାଣ ଲେନ ଦେଇ ଯାତାୟତ ନକରି ନିୟମ ଭାଙ୍ଗି ଯାତାୟତ କରୁଥିବାରୁ ଜାମ ହେଉଥିବା ଓଏମ୍‌ସି କହିଛି । ସଦର ପୋଲିସ ପକ୍ଷରୁ ନିୟମ ନମାନି ଗାଡି ଚଳାଚଳ କରୁଥିବା ୨୨ଟି ଟ୍ରକ କୁ ବ୍ଲାକ ଲିଷ୍ଟ କରାଯାଇଥିଲେ ମଧ୍ୟ ଆଜି ବି କିଛି ଗାଡି ନିୟମ ନମାନି ଚଳାଚଳ କରିବାରୁ ଗାଡି ଜାମ ହୋଇ ଜାତୀୟ ରାଜପଥରେ ୮ ଘଣ୍ଟା ଧରି ଗାଡି ଚଳାଚଳ ସଂପୂର୍ଣ ବନ୍ଦ ରହିଥିଲା । କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ର କେନ୍ଦୁଝର ସହର ନିକଟସ୍ଥ ଜୁଡିଆ ଘାଟୀଠାରୁ ଶୁଆକାଟୀ ପର୍ଯ୍ୟନ୍ତ ଲମ୍ବା ଲାଇନରେ ଗାଡି ଛିଡା ହୋଇଛି । ଏପରିକି ଜରୁରୀ ସେବାରେ ପରିବହନ ଗାଡମୋଟର ଏବଂ ଆମ୍ବୁଲାନ୍ସ ଗୁଡିକ ଟ୍ରାଫିକ୍ ସମସ୍ୟାରେ ପଡି ଘଣ୍ଟା ଘଣ୍ଟା ରାସ୍ତାରେ ଅଟକି ଥିବା ଭଳି ସମ୍ବେଦନଶୀଳ ଘଟଣା ଦୃଷ୍ଟିଗୋଚର ହୋଇଛି । ଏଭଳି ଟ୍ରାଫିକ୍ ସମସ୍ୟା ସୋମବାର ସକାଳୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲାଗି ରହିଥିଲା । ଫଳରେ ଜାତୀୟ ରାଜପଥ ୪୯ ରେ ଦୁଇ ତିନି ଲାଇନ ହୋଇ ଟ୍ରକ ଗୁଡିକ ମନଇଛା ରଖି ଦେବାରୁ ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବାରୁ ଜନ ଅସନ୍ତାଷ ଦେଖାଦେଇଛି । ରାସ୍ତା ସାରା ଟ୍ରକ୍‌ଗୁଡିକ ୮ ରୁ ୧୦ କିଲୋମିଟର ପର୍ଯ୍ୟନ୍ତ ଅଟକି ରହିବାରୁ ନାହିଁ ନଥିବା ପରିସ୍ଥିତି ଦେଖା ଦେଇଥିଲା ।

## ଜଗତସିଂହପୁର ଜିଲ୍ଲାର ବିଭିନ୍ନ ମନ୍ଦିର ମାନଙ୍କରେ ୧୪୪ ଧାରା ଜାରି

ଜଗତସିଂହପୁର : ଜଗତସିଂହପୁର ଜିଲ୍ଲାର ସବ୍ ଡିଭିଜିନାଲ ମାଜିଷ୍ଟ୍ରେଟ ଧର୍ମେନ୍ଦ୍ର ମଲ୍ଲିକ ( ଏସ ଡି ଏମ) ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ମନ୍ଦିର ମାନଙ୍କରେ ସାବିତ୍ରୀ ବ୍ରତ ପାଳନ କରିବାକୁ ଆସିବାକୁ ଥିବା ଭକ୍ତ ମାନଙ୍କର ଭିଡ ଦୃଷ୍ଟି କୋଣରୁ ଓ କୋଭିଡ ସଂକ୍ରମିତ ର ଆଶଙ୍କା ପ୍ରକଟ କରି ୧୪୪ ଧାରା ଆଇନ ଲାଗୁ କରିଛନ୍ତି । ଏହି ମନ୍ଦିର ମାନଙ୍କ ମଧରେ ତୀର୍ତୋଲ ତହସିଲ ର ମାଶାରଳା ମନ୍ଦିର କନକପୁର , ଏରସମା ତହସିଲ ର ଗ୍ରାମେଶ୍ୱର ମନ୍ଦିର ,ପଂଚପଲି , ନାଉଗାଁ ତହସିଲ ର ନିଳକଣ୍ଠେଶ୍ୱର ମହାଦେବ ମନ୍ଦିର , ମାଭାଗବତୀ ମନ୍ଦିର , ମା ଜଗୁଳେଇ ମନ୍ଦିର , ନିଳକଣ୍ଠେଶ୍ୱର ମନ୍ଦିର ଖାଲେରେଇ ,କନକେଶ୍ୱର ମହାଦେବ ମନ୍ଦିର ଡାବୁଗାଁ ,ବାଲିକୁଦା ତହସିଲ , ଘଟେଶ୍ୱର ମହାଦେବ ମନ୍ଦିର ବାଇନଲା ,ଜଗତସିଂହପୁର ତହସିଲର ମୁଚୁକୁଣ୍ଡ ମହାଦେବ ମନ୍ଦିର ସୋମନାଥ ହାଟ , ରଘୁନାଥପୁର ତହସିଲ ର ଗୋରଖନାଥ ମହାପ୍ରଭୁ ବିଜେ ,କେରେକେରା ।ବିରିଡି ତହସିଲ ର ଧାନକୁଦ ଜଗନ୍ନାଥ ମନ୍ଦିର ,ରଘୁନାଥପୁର ତହସିଲ ର ରୁଦ୍ରେସ୍ୱର ମନ୍ଦିର , ବିରିଡି ତହସିଲ ର ହନୁମାନ ମନ୍ଦିର କାଇଜଙ୍ଗ , ଏରସମା ତହସିଲ ର ଗଡ଼କୁଜଙ୍ଗ ରେ କୁଞ୍ଜବିହାରି ଜଗନ୍ନାଥ ମନ୍ଦିର ଓ ନୂଆଗାଁ ଗ୍ରାମରେ ଥିବା ମହାବୀର ମନ୍ଦିର ମାନଙ୍କରେ ଏହି ୧୪୪ ଧାରା ୧୦ ତାରିଖ ଦିନ ଗୁରୁବାର ଦିନ ବଳବତର ରହିବ ।ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେଠାକାର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଅପ୍ରାରାଧୀ ମାନଙ୍କ ଉପରେ ଦୃଷ୍ଟି ଦେବାକୁ ଘୋଷଣା କରାଯାଇଛି ବୋଲି ଏସ ଡି ଏମ ଶ୍ରୀ ପ୍ରଧାନ ଏକ ଅପରାଧିକ ମିସ କେସ ଅନୁଯାୟୀ ନିର୍ଦ୍ଦେଶକ ଦେଇଛନ୍ତି ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପଞ୍ଚାୟତ ସମେତ ମଳଦା, ଫୁଲଝର, କୁମୁଣ୍ଡି, ଶୁଆକାଟୀ, ବାଂଶପାଳ ଆଦି ପଞ୍ଚାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି କାରଖାନା କର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟକୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ, ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଆନନ୍ଦପୁରରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ପାଇଁ ଦାବି

ଆନନ୍ଦପୁର: କେନ୍ଦୁଝର ଜିଲ୍ଲାର ଜନଗହଳି ଓ ଗୁରୁତ୍ୱପୂର୍ଣ୍ଣ ଆନନ୍ଦପୁର ଉପଖଣ୍ଡରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ନିର୍ମାଣ ପ୍ରତିଷ୍ଠା ଜୁରୁରୀ ହୋଇ ପଡିଛି ବୋଲି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଜେପି ପକ୍ଷରୁ ପ୍ରଦାନ କରାଯାଇଛି । ଆନନ୍ଦପୁର, ଘସିପୁରା, ହାଟଡିହି ଓ ଆନନ୍ଦପୁର ପୌରାଞ୍ଚଳକୁ ନେଇ ଗଠିତ ଆନନ୍ଦପୁର ଉପଖଣ୍ଡରେ ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରିଥାନ୍ତି । ସେଥି ମଧ୍ୟରୁ ପ୍ରାୟ ୩୭% ଆଦିବାସୀ ସାନ୍ତାଳ ସଂପ୍ରଦାୟ ଏବଂ ଘଞ୍ଚ ବନାନୀ ଅଂଚଳରେ ରହୁଥିବାରୁ ସ୍ୱାସ୍ଥ୍ୟସେବା ଅପହଂଚ ହୋଇଥାଏ । ଜିଲ୍ଲା ପ୍ରସାସନ ଠାରୁ ପ୍ରାୟ ୧୦୦ କି.ମି. ଦୂରରେ ରହୁଥିବା ଏହି ଅଂଚଳବାସୀଙ୍କ ପାଇଁ ବର୍ତ୍ତମାନର କୋରନା ମହାମାରୀ ସମୟରେ ଉନ୍ନତ ମାନର ଚିକିତ୍ସା ସେବା ଯୋଗାଇ ଦେବାପାଇଁ ଆନନ୍ଦପୁର ଠାରେ ଏକ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ କରାଯିବାର ଆବଶ୍ୟକତା ଅନୁଭୁତ ହୋଇଛି । ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଭଳି କୌଣସି କମ୍ପାନୀ, ଅର୍ଦ୍ଧ ସରକାରୀ ସଂସ୍ଥା ବା ନିଗମ ଦ୍ୱାରା କୋଭିଡ୍ ହସ୍ପିଟାଲ ନିର୍ମାଣ ପାଇଁ କେନ୍ଦୁଝର ଜିଲ୍ଲା ପ୍ରସାସନ ଓ ରାଜ୍ୟ ସରକାର ଉଦ୍ୟମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ନିକଟସ୍ଥ ବଉଳା, ଦୈତାରୀ, ଗନ୍ଧମାର୍ଦ୍ଦନ ଠାରେ ଓଡିଶା ଖଣି ନିଗମ ପକ୍ଷରୁ ପଦାର୍ଥର ବ୍ୟବସାୟୀକ କାରବାର ଚାଲି ଥିବାରୁ ଓଏମ୍‌ସି ପକ୍ଷରୁ ଆନନ୍ଦପୁର ଠାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ନିର୍ମାଣ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିବା ଉଚିତ୍ ବୋଲି ଯୁକ୍ତି ବାଢିଛନ୍ତି । କେନ୍ଦୁଝର ଜିଲ୍ଲାର ଶତାଧିକ ଖଣିଖାଦାନରୁ ମୂଲ୍ୟବାନ ଲୁହାପଥର ପରିବହନ କରି କେନ୍ଦ୍ର ଓ ରାଜ୍ୟ ସରକାର ଅମାପ ରାଜସ୍ୱ ସଂଗ୍ରହ କରୁଥିବା ବେଳେ ଏହି ଅଂଚଳବାସୀଙ୍କ ମୌଳିକ ସୁବିଧା ଓ ସ୍ୱାସ୍ଥ୍ୟ ସେବା ଦିଗରେ ସରକାରୀ ଅବହେଳା କରାଯାଉଛି । ଫଳରେ ଉପଯୁକ୍ତ ଚିକିତ୍ସା ସେବା ନପାଇ ଅନେକ ସମୟରେ ଅଂଚଳରେ ଧନଜୀବନ ହାନି ହେଉଥିବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି । କେନ୍ଦୁଝର ଜିଲ୍ଲାବାସୀଙ୍କ ଆକୁଣ୍ଠ ସମର୍ଥନ ପାଇଥିବା ମୁଖ୍ୟମନ୍ତ୍ରୀ ଏହି ଦାବିକୁ ସହୃଦୟରେ ବିଚାର କରିବାକୁ ବିଜେପି ପକ୍ଷରୁ ଦାବି ହୋଇଛି ।

## ବଦଳିଲେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ : ବଦଳିକୁ ସ୍ୱାଗତ କଲା ଭଂଜସେନା

ବାରିପଦା : ରାଜ୍ୟସ୍ତରୀୟ ଏକ ଆଇଏଫଏସ ଅଦଳବଦଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର), ବାରିପଦା ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତିଙ୍କର ରାଜନଗର ଡିଏଫଓ ଭାବେ ବଦଳି ହୋଇଛି । ଶ୍ରୀ ପତିଙ୍କ ସ୍ଥାନରେ କିନ୍ତୁ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ । ତେବେ ଶ୍ରୀ ପତିଙ୍କ ବଦଳିକୁ ଜିଲ୍ଲାର ଅଗ୍ରଣୀ ସଙ୍ଗଠନ ଭଂଜସେନା ସମେତ ବହୁ ବ୍ୟକ୍ତିବିଶେଷ ସ୍ୱାଗତ କରିଛନ୍ତି । ଶ୍ରୀ ପତିଙ୍କ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବାରିପଦାର ଉପନିର୍ଦ୍ଦେଶକ କାର୍ଯ୍ୟକାଳ ମଧ୍ୟରେ ସେ ବିବାଦୀୟ ହୋଇପଡିଥିଲେ । ବିଶ୍ୱବିଖ୍ୟାତ ଶିମିଳିପାଳ ଅଭୟାରଣ୍ୟରେ ବାଘ ସଂଖ୍ୟା ହ୍ରାସରୁ ଆରମ୍ଭ କରି ହାତୀ ମୃତ୍ୟୁ, ମାସ ମାସ ଧରି ଜଙ୍ଗଲ ଜଳିବା, ସ୍ଥାନୀୟ ଅଧିବାସୀଙ୍କ ସହିତ ସମ୍ପର୍କ ନରଖିବା ଆଦି ଘଟଣାକୁ ନେଇ ସେ ଜିଲ୍ଲାରେ ତୀବ୍ର ସମାଲୋଚନାର ଶିକାର ହୋଇଥିଲେ ।ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟକଳାପ ପଦାକୁ ବାହାରିସାରିଲା ପରେ ଚଳିତ ବର୍ଷ ପ୍ରାରମ୍ଭରୁ ଜଙ୍ଗଲ ବିଭାଗର ବିଭିନ୍ନ ପଦାଧିକାରୀ ଜିଲ୍ଲାବାସୀଙ୍କ ଆକ୍ରୋସର ସାମ୍ନାକୁ ଆସିଥିଲେ ।ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତିଙ୍କ ବେଖିଆଲ ମନୋଭାବ ଏବଂ ଅପାରଗତା ପାଇଁ ଶିମିଳିପାଳର ଗୌରବ ଏବଂ ଗାରିମା ଉପରେ ବାରମ୍ବାର କୁଠାରାଘାତ ସୃଷ୍ଟି ହୋଇଥିଲା ।ଯାହାକୁ ହୃଦୟଙ୍ଗମ କରି ଜିଲ୍ଲାର ଏକମାତ୍ର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଂଜସେନା ପକ୍ଷରୁ ଜିଲ୍ଲାବାସୀଙ୍କ ଭାବାବେଗକୁ ପାଥେୟ କରି ଗତ ମାର୍ଚ୍ଚ ୧୦ ତାରିଖ ଦିନ ଶିମିଳିପାଳର ଗୌରବ ଗାରିମା ଅକ୍ଷୁର୍ଣ୍ଣ ରଖିବା ପାଇଁ ଏବଂ ଶିମିଳିପାଳ ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟାଘ୍ର ସଂରକ୍ଷଣ ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତିଙ୍କୁ ବହିଷ୍କାର ଦାବିରେ ୧୨ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଥିଲା ।ବିଳମ୍ବରେ ହେଉ ପଛେ ଆଜି ଏଭଳି ଅପାରଗ ଅଧିକାରୀଙ୍କୁ ରାଜ୍ୟସରକାର ଜିଲ୍ଲାରୁ ବିଦା କରିଥିବାରୁ ଜିଲ୍ଲାବାସୀ ଏବଂ ବହୁ ପରିବେଶପ୍ରେମୀ ଆତ୍ମସନ୍ତୋଷ ଲାଭ କରିଥିବା କହିଛନ୍ତି ଭଂଜସେନା ସଭାପତି ପିଣ୍ଟୁ ମାଇତି । ରାଜ୍ୟସରକାରଙ୍କ ଏଭଳି ପଦକ୍ଷେପକୁ ଭଂଜସେନା ସ୍ୱାଗତ କରିବା ସହ ସରକାରଙ୍କୁ ଅନୁରୋଧ କରୁଛି ଆଗାମୀ ଦିନରେ ଜଣେ ସୁଦକ୍ଷ ଓ କର୍ମଠ ଅଧିକାରୀଙ୍କୁ ଶିମିଳିପାଳ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରନ୍ତୁ, ଯାହାଦ୍ୱାରା ଜିଲ୍ଲାବାସୀଙ୍କ ପାଖରେ ରାଜ୍ୟ ସରକାର ଆସ୍ଥାଭାଜନ ହେବା ସହ ବିଶ୍ୱାସଭାଜନ ହେଇପାରିବେ ବୋଲି ପିଣ୍ଟୁ ମାଇତି ସୂଚନା ଦେଇଛନ୍ତି ।

## ୨୦ନଂ ଜାତୀୟ ରାଜପଥର ବେଲବାହାଳି ପୋଲ ନିର୍ମାଣ କାର୍ଯ୍ୟରେ ଅନିଶ୍ଚିତତା

ଘସିପୁରା: ୨୦ନଂ ଜାତୀୟ ରାଜପଥର ବେଲବାହାଳି ଠାରେ କୁଶେଇ ପୋଲି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ସଂପୃକ୍ତ ଏଆରସ୍‌ଏସ୍ ଏସ୍ କମ୍ପାନୀ ପୋଲ ନିର୍ମାଣରେ ମନମାନି କରୁଥିବା ଅଭିଯୋଗ ହେଉଛି । ଫଳରେ ସ୍ଥାନୀୟ ଅଂଚଳରେ ପୁଣି ଅସନ୍ତୋଷ ଦେଖାଦେଇଛି । ଉକ୍ତ ପୋଲ ନିର୍ମାଣକୁ ନେଇ ପୂର୍ବରୁ ୨୦୧୫ ଜୁଲାଇ ମାସରେ ସ୍ଥାନୀୟ ଜନତା ଓ ପୋଲିସ ମୁହାଁମୁହିଁ ହୋଇଥିଲେ । ଉକ୍ତ ଘଟଣାରେ ଅନେକ ଆହତ ହୋଇଥିବା ବେଳେ ସଂଖ୍ୟାଧିକ ପୁରୁଣ ଓ ମହିଳାଙ୍କୁ ଜେଲ୍ ଯିବାକୁ ପଡିଥିଲା । ଉକ୍ତ ଘଟଣାକୁ ଦୀର୍ଘ ୬ବର୍ଷ ପୁରିବାକୁ ଯାଉଥିବା ବେଳେ ଜାତୀୟ ରାଜପଥ ବିଭାଗର ଅବହେଳା ଯୋଗୁଁ ଅଦ୍ୟାବଧି ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ । ସଂପୃକ୍ତ ନିର୍ମାଣକାରୀ କମ୍ପାନୀ ଅବହେଳା କରୁଥିବାରୁ ଆଗାମୀ ବର୍ଷା ଋତୁ ପୂର୍ବରୁ ଏହା ଶେଷ ହେବା ନେଇ ଅନିଶ୍ଚିତତା ଦେଖା ଦେଇଛି । ପୂର୍ବ ଠିକା ସଂସ୍ଥା ଗାୟତ୍ରୀ କନଷ୍ଟ୍ରକସନ ପକ୍ଷରୁ ଗୋଟିଏ ଲେନ୍‌ର କିଛି ସ୍ଥାନ ନିର୍ମାଣ କରି ଅଧାରୁ କାମ ଛାଡି ପଳାଇବାରୁ ନିର୍ମାଣ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥିଲା ଏବଂ ନିର୍ମାଣ କାମ ତୁରନ୍ତ ଆରମ୍ଭ କରିବାକୁ ସ୍ଥାନୀୟ ଲୋକଙ୍କ ଦାବି ପ୍ରତି ଜାତୀୟ ରାଜପଥ ବିଭାଗ କୌଣସି ଗୁରୁତ୍ୱ ଦେଇନଥିଲେ । ଦୀର୍ଘ ୪ବର୍ଷ ପରେ ନୂତନ ଟେଣ୍ଡର ଆହ୍ୱାନ କରାଯାଇ ଏଆରସଏସ୍‌ଏସ କମ୍ପାନୀକୁ ଉକ୍ତ ପୋଲ ନିର୍ମାଣ ପାଇଁ ଦାୟୀତ୍ୱ ଦିଆଯାଇଛି । ଉକ୍ତ କାର୍ଯ୍ୟ ଆସନ୍ତା ବର୍ଷାଦିନ ପୂର୍ବରୁ ଗୋଟିଏ ଲେନ୍ ସମ୍ପୂର୍ଣ୍ଣ କରି ଗାଡି ଚଳାଚଳ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ପ୍ରାୟତଃ କୋଭିଡ୍ ଆଳରେ ତଥା କମ ସଂଖ୍ୟକ କର୍ମଚାରୀଙ୍କୁ ନିୟୋଜିତ କରି ଉକ୍ତ କମ୍ପାନୀ ମନମାନି ଚଳାଇଛି । ଏପରି ସ୍ଥଳେ ନୂତନ ପୋଲ ନିର୍ମାଣ କାମ ହେଉନଥିବା ବେଳେ ରାଜରାଜୁଡା ଅମଳର ପୁରୁଣା ପୋଲ ଉପରେ ଟ୍ରାଫିକ ସମସ୍ୟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତ୍ୟହ ଲୁହାପଥର ବୋଝେଇ ଟ୍ରକ୍ ଭିଡ ଯୋଗୁଁ ଅନେକ ସମୟରେ ଆମ୍ବୁଲାନ୍ସ ସେବା ତଥା ଜରୁରୀ ଗାଡି ଗୁଡିକ ମଧ ଅଟକି ରହୁଛି । ବର୍ତ୍ତମାନର କୋଭିଡ୍ କଟକଣା ଯୋଗୁଁ ଗାଡି ଚଳାଚଳ କମ୍ ଥିବାରୁ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଥିଲେ ମଧ ପରବର୍ତ୍ତି ସମୟରେ କଟକଣା ହଟିଲେ ପୂର୍ବ ଭଳି ସମସ୍ୟା ସୃଷ୍ଟି ହେବାକୁ ଏଡାଇ ଦିଆଯାଇ ନପାରେ । ଜାତୀୟ ରାଜପଥ ବିଭାଗ ଟୋଲ୍ ଗେଟ୍ କରି ଟିକସ ଆଦାୟ କରିଚାଲିଛନ୍ତି ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ- ୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତ୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Monday June 14, 2021 ଭୁବନେଶ୍ୱର ସୋମବାର, ଜୁନ୍ ୧୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଧାନ କୁଇଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୭୨ ଟଙ୍କା ବୃଦ୍ଧି ଧର୍ମକୁ ଆଖିଠାର : ସମାଜବାଦୀ ପାର୍ଟି

ଭୁବନେଶ୍ୱର: କେନ୍ଦ୍ର କ୍ୟାବିନେଟ ଆଜି ଖରିଫ ଧାନ କୁଇଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟରେ ୭୨ ଟଙ୍କା ବୃଦ୍ଧି କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ଧାନ କୁଇଂଟାଲ ପିଛା ୧୮୬୮ ଟଙ୍କା ଥିଲାବେଳେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଏହାକୁ ୧୯୪୦ ଟଙ୍କା କରାଯାଇଛି। ଧାନର କୁଇ ।ଲ ପିଛା ସର୍ବନମ୍ନ ସହାୟକ ମୂଲ୍ୟରେ କେନ୍ଦ୍ର କ୍ୟାବିନେଟର ୭୨ ଟଙ୍କା ବୃଦ୍ଧି ଧର୍ମକୁ ଆଖିଠାର ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ଅଭିଯୋଗ କରିଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ୨୦୧୩-୧୪ ମସିହାରେ ବିଜେପି ତଥା ଏନ୍‌ଡ଼ିଏର ତତ୍କାଳୀନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିଲେ ୨୦୨୨ ମସିହା ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁଃଖର କଥା ଚାଷୀଙ୍କ ଆୟ ଦୁଇଗୁଣ କରିବା ତ ଦୂରର କଥା ବରଂ ତିନି ତିନୋଟି କୃଷି ଓ କୃଷକ ବିରୋଧି କଳା ଆଇନ ଆଣି ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ଏନ୍‌ଡ଼ିଏ ସରକାର ଚାଷୀଙ୍କୁ ଧୋକା ଦେଇଛନ୍ତି। ଚାଷୀମାନଙ୍କର ସ୍ୱାର୍ଥ ଅପେକ୍ଷା କର୍ପୋରେଟ ବେପାରୀମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ଏହି କୃଷି ଆଇନରେ ବ୍ୟବସ୍ଥା କରାଯାଇଛି। ଯାହା ବିରୁଦ୍ଧରେ ଦେଶର ଚାଷୀମାନେ ନଭେମ୍ବର ୨୬ ତାରିଖରୁ ଆଜକୁ ପାଖାପାଖି ୭ ମାସ ହୋଇଗଲା ଦିଲ୍ଲୀ ସୀମାରେ ଏକତାବଦ୍ଧ ହୋଇ ଆନ୍ଦୋଳନ କରୁଛନ୍ତି। ଧାନ ଉତ୍ପାଦନ ଓଡ଼ିଶାର ଏକ ପ୍ରମୁଖ ଅର୍ଥନୈତିକ ଫସଲ। ରାଜ୍ୟର ୮୫ ଭାଗ ଚାଷୀ ଧାନ ଉପରେ ନିର୍ଭରଶୀଳ। ଏହାକୁ ଆଖି ଆଗରେ ରଖି ଓଡ଼ିଶା ବିଧାନସଭାରେ ଗତ ୫ ବର୍ଷ ତଳେ ଧାନ କୁଇଂଟାଲ ୨୯୩୦ ଟଙ୍କା କରିବା ପାଇଁ ଏକ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ଶାସକ ବିଜେଡ଼ି ସମେତ କଂଗ୍ରେସ, ବିଜେପି ଓ କମ୍ୟୁନିଷ୍ଟ ଦଳମାନେ ମଧ୍ୟ ସମ୍ମତି ପ୍ରକାଶ କରିଥିଲେ। ବାଚସ୍ପତିଙ୍କ ନେତୃତ୍ୱରେ ବିଧାନସଭାର ଗୃହ କମିଟି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେବା ପାଇଁ ସ୍ଥିର ହେଲା। କିନ୍ତୁ ଦୁଃଖର କଥା ଓଡ଼ିଶା ବିଧାନସଭାର ଗୃହ କମିଟିକୁ ପ୍ରଧାନମନ୍ତ୍ରୀ ଭେଟିବା ପାଇଁ ସମୟ ଦେଲେନାହିଁ। ଏହା ହେଉଛି ବିଜେପି ସରକାରର ଚାଷୀଙ୍କ ପାଇଁ ଦରଦର ପ୍ରତିଫଳନ। ତେଣୁ ଆଜି କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟମ ମୂଲ୍ୟ ୧୮୬୮ ଟଙ୍କାରୁ ବୃଦ୍ଧି କରି ୧୯୪୦ ଟଙ୍କା କରି ନିଜ ପିଠି ନିଜେ ଥାପୁଡ଼ାଇବାର ଯେଉଁ ଉଦ୍ୟମ କରୁଛନ୍ତି ତାହାକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ସମାଲୋଚନା କରିଛି। ସ୍ୱାଧୀନତା ପରେ ଯଦି କୌଣସି କେନ୍ଦ୍ର ସରକାର ଚାଷୀ ବିରୋଧୀ ପଦକ୍ଷେପ ନେଇଥାଏ, ତାହେଲେ ସବୁଠାରୁ ଆଗରେ ଆଜିର କେନ୍ଦ୍ର ସରକାର ରହିବ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି। ତୁରନ୍ତ କେନ୍ଦ୍ର ସରକାର ଓଡ଼ିଶା ବିଧାନସଭାର ସର୍ବସମ୍ମତ ପ୍ରସ୍ତାବ ଅନୁଯାୟୀ ଧାନ କୁଇଂଟାଲ ପିଛା ୨୯୩୦ ଟଙ୍କା କରିବାକୁ ଏବଂ କେନ୍ଦ୍ର ସରକାର ପାରିତ କରିଥିବମା ତିନୋଟି କୃଷକ ବିରୋଧୀ କଳା ଆଇନକୁ ପ୍ରତ୍ୟାହାର କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି।

## ରବିଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା - ତୁରନ୍ତ ଚାଷୀଙ୍କଠାରୁ ସମସ୍ତ ବଳକାଧାନ କିଣାଯାଉ

ଭୁବନେଶ୍ୱର: ସରକାର ରବିରେ ଉତ୍ପାଦିତ ୧୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରିବା ପରେ ଯଦି ଚାଷୀଙ୍କ ପାଖରେ ଆଉ ଯେତେ ବଳକା ଧାନ ରୁହେ ତାହା ମଧ୍ୟ ଚାଷୀଙ୍କଠାରୁ ମଇ ୧ ରୁ ଜୁନ୍-୩୦ ମଧ୍ୟରେ କ୍ରୟ କରିବାକୁ ଘୋଷଣା କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ ରବି ଧାନ କିଣା ବିକାରେ ବ୍ୟାପକ ଅବ୍ୟବସ୍ଥା ଏବଂ ଚାଷୀଙ୍କ ଟୋକନ ଲାପ୍ସ, ଆକଳନ ଅନୁଯାୟୀ ଧାନ କିଣିବା ପାଇଁ ମଣ୍ଡିକୁ ଟାର୍ଗେଟ ଦେବାରେ କାଳକ୍ଷେପଣ ନୀତି ଚାଷୀଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ହୋଇଛି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି। ଇତି ମଧ୍ୟରେ କାଳ ବୈଶାଖି ଓ ୟସ୍ ବାତ୍ୟାଦ୍ୱାରା ଅନେକ ଜିଲ୍ଲାରେ ରବି ଫସଲ ବ୍ୟାପକ ପ୍ରଭାବିତ ହୋଇଛି। ଠିକଣା ସମୟରେ ଧାନ ଅମଳ ବେଳେ କରୋନା ଭୂତାଣୁ ସଂକ୍ରମଣ ତାଲାବନ୍ଦ ଓ କୃଷି ଶ୍ରମିକ ଅଭାବ ସତ୍ତ୍ୱେ ଅମଳ ଧାନକୁ ଚାଷୀ ବିକ୍ରି କରିବାକୁ ପ୍ରସ୍ତୁତ ଥିବା ବେଳେ ସରକାର, ପ୍ରଶାସନ ଓ ମିଲରମାନଙ୍କ ସଲାସୁତୁରାରେ ଚାଷୀ ଧାନ ବିକ୍ରି କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ଧାନ କିଣାଯାଉ ନାହିଁ। ଠିକଣା ସମୟରେ ବହୁ ଚାଷୀଙ୍କ ପାଖରେ ଟୋକନ୍ ପହଞ୍ଚୁନାହିଁ। ଯେଉଁ ଚାଷୀ ଟୋକନ ପାଉଛନ୍ତି ତାଙ୍କର ସୀମିତ ଅବଧି ସମୟରେ ଯଦି ଧାନ ବିକ୍ରି କରି ପାରୁ ନାହାନ୍ତି, ସେହି ଚାଷୀଙ୍କଠାରୁ ଆଉ ଧାନ କିଣାଯାଉ ନାହିଁ। ପୂର୍ବରୁ ଧାନ କିଣାରେ ଟୋକନର ଅବଧି ୧ ମାସ ବୈଧ ଥିଲା। ଏବେ ରବିରେ ତା'କୁ କମାଯାଇ ୧୨ ରୁ ୧୫ ଦିନ ରଖାଯିବା ଦ୍ୱାରା ଚାଷୀ ଏଥିରେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି।

## ୧ କୋଟିର ଗଞ୍ଜେଇ ଜବତ : ୨ ଗିରଫ

ଜୟପୁର: ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢଉ କରିଛି। ଏହି ମାମଲାରେ ୨ ଜଣଙ୍କୁ ଗିରଫ କରିଛି। ୬ ଚକିଆ ଟ୍ରକରେ ଏହି ଗଞ୍ଜେଇ ମହାରାଷ୍ଟ୍ର ଚାଲାଣ ହେଉଥିବା ବେଳେ ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ସୂଚନା ପାଇ କୋରାପୁଟ ଘାଟିରେ ଚଢଉ କରିଥିଲେ। ଅଭିନବ ଉପାୟରେ ମୁଡ଼ି ବସ୍ତା ଭିତରେ ଗଞ୍ଜେଇ ରଖି ଚାଲାଣ ହେଉଥିଲା। ଉକ୍ତ ଟ୍ରକକୁ ସଦର ଥାନାକୁ ଆଣି ଯାଂଚ୍ କରାଯାଇଥିଲା। ମାଜିଷ୍ଟ୍ରେଟ ଉପସ୍ଥିତିରେ ଓଜନ କରାଯାଇଥିଲା। ୨ ଶହ ପ୍ୟାକେଟରେ ୧୦ କ୍ୱିଂଟାଲ ୯୯ କେଜି ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କା ହେବ। ଟ୍ରକ୍ ନଂ ଏମଏଚ-୧୮-ବିଜି-୫୫୪୧, ୨ଟି ମୋବାଇଲ ଜବତ କରିଛି ପୋଲିସ। ଏହି ମାମଲାରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମହାରାଷ୍ଟ୍ରର ଚନ୍ଦ୍ରକାନ୍ତ ସୁବାଷ ପାଟିଲ (୫୦) ଓ ରାଜେନ୍ଦ୍ର ଦେବି ଦାଶ ପାଟିଲ (୩୦)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କା ହେବ। ଏମାନଙ୍କ ନାମରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ସୂଚନା ଦେଇଛନ୍ତି।

## କେନ୍ଦ୍ରାପଡାରେ ବାତ୍ୟା ୟସ କ୍ଷୟକ୍ଷତି ଆକଳନ କଲା କେନ୍ଦ୍ରୀୟ ଟିମ



କେନ୍ଦ୍ରାପଡ଼ା : ବାତ୍ୟା ୟସ ଜନିତ ଜିଲ୍ଲାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ ଅବଗତ ହେବା ସହ ବାତ୍ୟା ପ୍ରଭାବିତଙ୍କ ସହ ଆଲୋଚନା କରି ଫେରିଛନ୍ତି ତିନି ଜଣିଆ କେନ୍ଦ୍ରୀୟ ଦଳ। ଜିଲ୍ଲାରେ ବାତ୍ୟା ୟସ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ କ୍ଷୟକ୍ଷତିର ବାସ୍ତବ ଚିତ୍ର ଦେଖିବା ପାଇଁ ତିନି ଜଣିଆ କେନ୍ଦ୍ରୀୟ ଟିମ କେନ୍ଦ୍ରାପଡା ଗସ୍ତରେ ଆସିଥିଲେ। ପ୍ରଥମେ ରାଜକନିକା ଭାରିଗଦାରେ ପହଞ୍ଚି ଉଦ୍ୟାନ କୃଷି ବିଭାଗର ଫସଲ ନଷ୍ଟ ସ୍ଥାନ ପରିଦର୍ଶନ କରିବା ସହ ବିଶେଷ ଭାବେ ପ୍ରଭାବିତ ହୋଇଥିବା ରାଜନଗର ବ୍ଲକ ଅଞ୍ଚଳ ଗସ୍ତ କରିଥିଲେ। ନଳିତାପାଟିଆ ରାସ୍ତା କ୍ଷୟକ୍ଷତି ଅନୁଧ୍ୟାନ କରିବା ପରେ ଡାଙ୍ଗମାଳ ଅରଣ୍ୟ ନିବାସରେ ଏକ ବୈଠକରେ ଯୋଗଦେଇ ବାତ୍ୟା ୟସ ଯୋଗୁଁ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ତାଳଚୁଆ- ରାଜନଗର ରାସ୍ତାକୁ ପରିଦର୍ଶନକରି କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ ,ମାଛଜେଟୀ, ବିଦ୍ୟୁତ ଷ୍ଟେସନ ସହ ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। କେନ୍ଦ୍ରୀୟ ପ୍ରତିନିଧି ଦଳରେ କେନ୍ଦ୍ର କୃଷି ମନ୍ତ୍ରଣାଳୟର ନିର୍ଦ୍ଦେଶକ ବିପୁଲ କୁମାର ଶ୍ରୀବାସ୍ତବ, ଅର୍ଥ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ସୁରଜ କୁମାର ପ୍ରଧାନ, ରାସ୍ତା ପରିମଳ ଓ ଜାତୀୟ ରାଜପଥ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶାଶ୍ୱତ ମହାପାତ୍ରଙ୍କ ସମେତ ଜଲ୍ଲାପାଳ ଅମ୍ରିତ ଋତୁରାଜ ଓ ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଧିକରୀମାନେ ଯୋଗଦେଇଥିଲେ। କେନ୍ଦ୍ରାପଡା ଜିଲ୍ଲାର ରାଜନଗର ନିର୍ବାଚନ ମଣ୍ଡଳୀର ୧୫ଟି ପଞ୍ଚାୟତ ବାତ୍ୟା ଆସିଲେ ଭୟଭୀତ ହୋଇ ରହିଥାନ୍ତି। ଅଧିକ ପରିମାଣର ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇଦେବା ସହ ଏନ.ସି.ଆର. ଏମ.ପି. ଅନୁଯାଇ ଉକ୍ତ ରାସ୍ତା ଗୁଡିକୁ ଉଚ୍ଚ କରିବା ଓ ପଥର ପ୍ୟାକିଂ କରାଯିବା ପାଇଁ କେନ୍ଦ୍ରୀୟ ଦଳକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଭେଟି ଦାବି ଉପସ୍ଥାପନ କରିଥିଲେ। କେନ୍ଦ୍ରୀୟ ପ୍ରତିନିଧି ଦଳରେ ଆସିଥିବା ଶ୍ରୀ ଶ୍ରୀବାସ୍ତବଙ୍କ କହିବା ଅନୁଯାଇ ରାଜ୍ୟରେ ବାତ୍ୟା ପ୍ରଭାବିତ ୪ଟି ଜିଲ୍ଲାରେ ୭ଜଣିଆ ଟିମ ଦୁଇଦିନିଆ ଗସ୍ତକରି କ୍ଷୟକ୍ଷତିର ଆକଳନ ସହ ପ୍ରଭାବିତ ଲୋକମାନଙ୍କ ସହିତ ଆଲୋଚନା କରିବା ପରେ ରିପୋର୍ଟ ପ୍ରସ୍ତୁତ କରିବେ। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିବା ପରେ କେନ୍ଦ୍ରକୁ ରିପୋର୍ଟ ପ୍ରଦାନ କରିବେ।

## କୃଷକ କଲ୍ୟାଣ ମଂଚ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ଜୟପୁର: କୃଷକ କଲ୍ୟାଣ ମଂଚ ତରଫରୁ ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରିଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି। ମଂଚର ଶତାଧିକ ଚାଷି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ଯୋଗାଣ ଅଧିକାରିଙ୍କୁ ୫ ଦଫା ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରବି ଧାନ ବିକ୍ରି ସକାଶେ ଟୋକନ୍ ଅବଧି ୧୨ ଦିନ ପରିବର୍ତ୍ତେ ୧ ମାସ କରାଯାଉ। ବିଗତ ଖରିଫ ମଣ୍ଡିରେ ପ୍ରଶାସନିକ ଅବହେଳା ଯୋଗୁଁ ଜିଲାର ୧ ହଜାରରୁ ଉର୍ଦ୍ଧ୍ୱ ଚାଷି ଧାନ ବିକ୍ରୀ କରିପାରୁ ନାହାଁନ୍ତି। ତେଣୁ ତାହାର ପୁନାରାବୃତି ଯେପରି ନହୁଏ ପ୍ରଶାସନ ଦୃଷ୍ଟି ଦିଅନ୍ତୁ। ମଣ୍ଡି ଦିବସରେ ଆସିଥିବା ସମସ୍ତ ଧାନ ସେହିଦିନ ହିଁ କ୍ରୟ କରି ଆଉ ସ୍କେନ କରିବା ସହିତ ପର୍ଯ୍ୟାପ୍ତ ଗାଡିର ବ୍ୟବସ୍ଥା କରାଯାଉ, ଫଲସ ଏଂଟ୍ରି ବନ୍ଦ କରାଯିବା ସହିତ ମଣ୍ଡିର ଭିଡିଓ ରେକଡିଂ କରାଯାଉ, କ୍ରୟକାରୀ ସଂସ୍ଥା କମିଶନ ଏଜେ ସାଜି ନିଜର ଦାୟିତ୍ୱ ପାଳନ କରୁ ନାହାଁନ୍ତି, ଫଳରେ ଚାଷୀ ବହୁ ହଇରାଣ ହେବା ସହିତ ଉଚିତ ସମୟରେ ଧାନବିକ୍ରୀ କରି ପାରୁ ନାହାଁନ୍ତି। ସେଥି ପ୍ରତି ଦୃଷ୍ଟି ଦିଆଯାଉ। କୋଭିଡ- ୧୯ ପରି ମହାମାରୀ ସମୟରେ ଦେଶକୁ ବଂଚାଇ ରଖିଥିବା ଅନ୍ନଦାତାଙ୍କୁ ସରକାର ନୀତି ନିୟମର ଆଳ ଦେଖାଇ ଯେପରି ଶୋଷଣ ଓ ହଇରାଣ କରୁଛନ୍ତି ତାହା ବନ୍ଦ କରିବା ଆଦି ଦାବୀ ରହିଛି।

## କରୋନା ମହାମାରୀ ପ୍ରସଙ୍ଗ : ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଦେଶବାସୀ ଦୟନୀୟ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତି : ନିରଞ୍ଜନ

ଭୁବନେଶ୍ୱର: ଗତ ଦୁଇବର୍ଷ ଧରି ସାରା ପୃଥିବୀରେ ବିଶେଷ କରି ଆମ ଦେଶ ଭାରତରେ କରୋନା ମହାମାରୀ ଯେପରି ଭାବେ ବ୍ୟାପିଛି ଏହି ପରି ରୋଗ ପୃଥିବୀ ଇତିହାସରେ କେବେ ଦେଖାଯାଇ ନଥିଲା। କରୋନା ମହାମାରୀରେ ସଂକ୍ରମିତ ହୋଇ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଚାଲିଛନ୍ତ। ଅର୍ଥନୈତିକ ଦୃଷ୍ଟିରୁ ହୀନସ୍ଥା ହେଉଛନ୍ତ। କରୋନା ସଂକ୍ରମିତରେ ବର୍ତମାନ ଭାରତବର୍ଷ ସାରା ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା କେବଳ କେନ୍ଦ୍ର ସରକାରଙ୍କ ପାରଦର୍ଶିତା ର ଅଭାବ, ଦୂରଦୃଷ୍ଟି ର ଅଭାବ ଏବଂ ସାଧାରଣ ଲୋକଙ୍କ ପ୍ରତି ଦରଦର ଅଭାବ ଯୋଗୁଁ ଏପରି ପରିସ୍ଥିତି ଦେଖାଦେଇଛି ବୋଲି ଆଜିର ଏକ ପ୍ରେସ ବାର୍ତାରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତ। ସେ କହିଛନ୍ତ କେନ୍ଦ୍ର ସରକାରଙ୍କର ଦୂରଦୃଷ୍ଟି ଅଭାବରୁ ଲୋକମାନେ ଟୀକା ପାଉନାହାଁନ୍ତ। ବିଭିନ୍ନ ସମୟରେ ଏଆଇସିସି ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କରୋନା ମହାମାରୀକୁ ନେଇ କେନ୍ଦ୍ର ସରକାରଙ୍କୁ ଅନେକ ଉପାଦେୟ ପରାମର୍ଶ ଦେଇଥିବା ବେଳେ ଗତ କିଛିଦିନ ତଳେ ସର୍ବପ୍ରଥମେ ଶ୍ରୀ ଗାନ୍ଧୀ ନିଶୁଳ୍କ ସାର୍ବଜନୀନ ଟୀକା ପ୍ରଦାନ ପାଇଁ ଦାବୀ କରିବା ଏବଂ ଭାରତବର୍ଷର ବିଭିନ୍ନ ଅଣ ବିଜେପି ରାଜ୍ୟ ସରକାରଙ୍କ ଦାବି ସାଙ୍ଗକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ଆଦିକୁ ନେଇ ମୋଦି ସରକାର ବାଧ୍ୟ ହୋଇ ସମସ୍ତ ଜନସାଧାରଣଙ୍କୁ ନିଶୁଳ୍କ ଟୀକା ଦିଆଯିବ ବୋଲି ନିଷ୍ପତି ଗ୍ରହଣ କଲେ। କରୋନା ର କ୍ଷତି ଭରଣା ପାଇଁ ଯଦି କେନ୍ଦ୍ରସରକାର ଆଗରୁ ନିଶୁଳ୍କ ଟୀକା ଦିଆଯିବା ନିଷ୍ପତି ନେଇଥାନ୍ତେ ଏବଂ ଟୀକାର ବ୍ୟବସ୍ଥା କରିଥାନ୍ତେ ତେବେ ଆଜି ଭାରତବର୍ଷରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିନଥାନ୍ତେ। ସେହିପରି ନିଜର କ୍ଷତି ଭରଣା ପାଇଁ ଦେଶର ୮୦ କୋଟି ଲୋକଙ୍କୁ ଚାଉଳ ଦେବେ ବୋଲି କେନ୍ଦ୍ର ସରକାର ଯେଉଁ ଡିଣ୍ଡିମ ପିଟୁଛନ୍ତ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତ ଶ୍ରୀ ପଟ୍ଟନାୟକ। ସେ କହିଛନ୍ତ ଗରିବ ଲୋକ ତ ଆଗରୁ ୧ ଟଙ୍କାରେ ଚାଉଳ ପାଉଛନ୍ତ। ତେବେ କଣ ସେହି ୧ ଟଙ୍କା ଛାଡ଼ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତ? ଯଦିହଁ ତେବେ ଏହା ବଡ଼ ଦୁଃଖଦାୟକ କଥା ବୋଲି ଶୀ ପଟ୍ଟନାୟକ କ୍ଷୋଭର ସହ କହିଛନ୍ତ। କରୋନା ମହାମାରୀରେ ଆକ୍ରାନ୍ତ ହୋଇ ଲକ୍ଷ ଲକ୍ଷ ଲୋକ ଚାକିରୀ ହରେଇ ବସିଛନ୍ତ ସେହିପରି ଲକ୍ଷ ଲକ୍ଷ ଛୋଟ ବେପାରିଠୁ ଆରମ୍ଭ କରି ଗରିବ ଲୋକ ପର୍ଯ୍ୟନ୍ତ ଏବଂ ମଧ୍ୟବିତ ଓ ନିମ୍ନ ମଧ୍ୟବିତ ଲୋକ ଏବେ ଅର୍ଥନୈତିକ ସଂକଟ ଦେଇ ଗତିକରୁଛନ୍ତ। ସେମାନଙ୍କ ପାଇଁ କିଛି ଆଜି ସାହା ଭରଷା ନାହିଁ କି କିଛି ଯୋଜନା ନାହିଁ। ବର୍ତମାନ ସାଧାରଣ ଲୋକଟିଏ ଜୀବିକା ହରେଇ ଜୀବନ ବଂଚେଇବା ପାଇଁ ସଂଘର୍ଷ କରୁଥିବା ବେଳେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଡିଜେଲ, ପେଟ୍ରୋଲ ଏବଂ ରନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି କରିଚାଲିଛନ୍ତ। ଏପରିକି କେତେକ ସ୍ଥାନରେ ପେଟ୍ରୋଲ, ଡିଜେଲ ଲିଟର ପିଛା ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ହେଲାଣି। ଯାହା ଫଳରେ କି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପାଉଛି। ଲୋକମାନେ ହନ୍ତସନ୍ତ ହେଉଛନ୍ତ। ଏହା ବର୍ତମାନ ସାଧାରଣ ଲୋକଙ୍କ ଉପରେ ବୋଝ ଉପରେ ଲଳିତା ବିଡ଼ା ସଦୃଶ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତ। ଗରୀବ ଜନସାଧାରଣଙ୍କ ସହ କଂଗ୍ରେସ ଦଳ ସଦାସର୍ବଦା ରହିଛି ଆଗକୁ ମଧ୍ୟ ରହିବ। ସେଥିପାଇଁ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତ୍ୟାହାର ଦାବିରେ ରାଜ୍ୟର ସମସ୍ତ ପେଟ୍ରୋଲ ଟାଙ୍କି ଆଗରେ କଂଗ୍ରେସ ଦଳ ପକ୍ଷରୁ ଆସନ୍ତା ୧୧ ତାରିଖ ଦିନ ସକାଳ ୭ ଠାରୁ ଦିବା ୧୧ ଘଂଟା ପର୍ଯ୍ୟନ୍ତ ୪ ଘଂଟିଆ ଧାରଣା ସହ ବିକ୍ଷୋଭ କରାଯିବି ବୋଲି ପିସିସି ନିଷ୍ପତି ଗ୍ରହଣ କରାଯାଉଛି।

## ବିଲୁପ୍ତ ହେବାରେ ଲାଗିଛି ପରବ ରାଣୀ ରଜର ପରମ୍ପରା

କୋଣାର୍କ : ଓଡିଶାରେ ପାଳନ କରାଯାଉଥିବା ବିଭିନ୍ନ ପର୍ବ ପର୍ବାଣୀମାନଙ୍କ ମଧ୍ୟରେ ରଜପର୍ବ ଅନ୍ୟତମ। ଆମେ ପାଳନ କରୁଥିବା ସମସ୍ତ ପର୍ବ ପର୍ବାଣୀଗୁଡିକରେ ଦେବାଦେବୀମାନଙ୍କୁ ପୂଜା କରୁଥିବାବେଳେ ରଜପର୍ବ ଏହାର ଏକ ବ୍ୟତିକ୍ରମ। ଏହି ପର୍ବକୁ ମାଟିମାର ବିଶ୍ରାମ ପର୍ବ ବୋଲି ଆମେ ମାନିଥାଉ। ଏହି ପର୍ବ ଝିଅ ବୋହୁମାନଙ୍କର ଏକ ମୂଖ୍ୟ ପର୍ବ ହୋଇଥାଏ। ପୂର୍ବେ ରଜ ଉତ୍ସବ ସମୟରେ ଗାଁ ଦାଣ୍ଡରେ ପୁଅ ପିଲାମାନେ କବାଡି. ତାସ, ପଶା ଓ ଲୁଡୁ ଖେଳରେ ମଜିରହୁଥିବା ବେଳେ ଏହି ସମୟରେ ଝିଅ ବୋହୁମାନେ ନୂତନ ବସ୍ତ୍ର ପରିଧାନ କରି ତାସ, ଲୁଡୁ, ପୁଚି ଇତ୍ୟାଦି ଖେଳିବା ସହ ଗାଁ ମଧ୍ୟରେ ଥିବା ବଡ ବଡ ବୃକ୍ଷମାନଙ୍କରେ ଦୋଳି ବାନ୍ଧି ଦଳ ଦଳ ହୋଇ ରଜଗୀତ 'ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଘେନି ନୂଆ ସଜବାଜ ଇତ୍ୟାଦି ବିଭିନ୍ନ ରକମର ପଲ୍ଲୀଗୀତ



ବୋଲି ଥାନ୍ତ। ଓଡିଆମାନଙ୍କର ସଂସ୍କୃତି ଓ ପରମ୍ପରାର ଏକ ନିଛକ ପ୍ରତିଛବି ହେଉଛି ଏହି ରଜ ପର୍ବ। ଆଧୁନିକତାର ଛାପରେ ଧିରେ ଧିରେ ରଜ ପର୍ବର ପୂର୍ବ ପରମ୍ପରା ହଜିବାରେ ଲାଗିଛି। ଉଗ୍ର ଆଧୁନିକତାର କୁ ପ୍ରଭାବରେ ଓଡିଆମାନଙ୍କର ପୁରାତନ ପରମ୍ପରା ଓ ସଂସ୍କୃତି ଜନମାନସରୁ ବିଲୁପ୍ତ ହେବାରେ ଲାଗିଛି। ଆଜିର ମାନବ ଆଧୁନିକ ସଂସ୍କୃତିକୁ ଆପଣେଇ ନେଉଥିବାରୁ ଉତ୍କଳବାସୀଙ୍କ ୧୨ମାସରେ ହେଉଥିବା ୧୩ ପର୍ବର ପୂର୍ବ ଉତ୍ସାହ ଆଉ ଦେଖିବାକୁ ମିଳୁ ନାହିଁ। ଓଡିଆ ମାନଙ୍କର ମୂଖ୍ୟ ଆକର୍ଷଣର ପର୍ବ, ପରବରାଣୀ ରଜ ଉତ୍ସବର ପୂର୍ବ ମହକ ଆଉ ନଥିବା ପରି ମନେହେଉଛି। ଓଡିଆମାନେ ଏହି ପର୍ବକୁ ଉତ୍ସାହ ଉଦିପନାର ସହ ୪ଦିନ ଧରୀ ପାଳନ କରିଥାନ୍ତି। ଆଷାଢ ମାସର ସଂକ୍ରାନ୍ତି ଆଗ ଦିନଠାରୁ ରଜପର୍ବ ପାଳନ କରାଯାଇଥାଏ। ପ୍ରଥମ ଦିବସକୁ ପହିଲିରଜ, ଦ୍ୱିତୀୟ ଦିବସକୁ ରଜସଂକ୍ରାନ୍ତି, ତୃତୀୟ ଦିବସକୁ ଭୂମୀଦହନ ଦିବସ ଓ ଚତୁର୍ଥ ଦିବସକୁ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ ଦିବସ ଭାବରେ ପାଳନ କରାଯାଇଥାଏ। ଏହି ସମୟରେ ଘରେ ଘରେ ବିଭିନ୍ନ ପ୍ରକାର ପୋଡପିଠା ଓ ସୁଶ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହେବାସହ ଖଳକୁଦରେ ପୁରପଲ୍ଲୀରେ ଆନନ୍ଦର ଲହରୀ ଖେଳି ଉଠୁଥିଲା। ୨୦୦୦ରୁ ୨୦୨୦ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଧରୀ ନିରବଛିନ୍ନ ଭାବେ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଜୁନ ମାସ ୧୪ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଧୁମ ଧାମରେ ଆୟୋଜକ ଅନୁଷ୍ଠାନ ଅର୍କଶ୍ରୀ ପକ୍ଷରୁ ପାଳିତ ହୋଇ ଆସୁଥିଲା ରଜଉତ୍ସବ। କିନ୍ତୁ ଗତ ବର୍ଷ ମହାମାରୀ କରୋନା ପାଇଁ ରଜ ଉତ୍ସବ ପାଳନ ହୋଇ ନଥିବା ବେଳେ ଚଳିତ ବର୍ଷ ମଧ୍ୟ କରୋନାର ଦ୍ୱିତୀୟ ଲହର ପାଇଁ ପାଳିତ ହେବନାହିଁ ରଜ ଉତ୍ସବ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray